


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୫ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 June 2024

Vol.No. 35 ■ No.160 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜି-୭ ସମ୍ମିଳନୀରେ ମୋଦୀ: ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା





ଆପୁଲିଆ, ୧୪/୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଟାଲିର ଆପୁଲିଆରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବାପରେ ଏହା ମୋଦୀଙ୍କର ପ୍ରଥମ ବିଦେଶ ଗସ୍ତ। ମୋଦୀ ଜି-୭ ସମ୍ମିଳନୀରେ ଯୋଗ ଦେବା ଅବସରରେ ଅନେକ ବିଶ୍ୱ ନେତାଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା କରିଛନ୍ତି। ମୋଦୀ ଆଜି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ଏବଂ ୟୁକ୍ରେନ ପ୍ରଧାନମନ୍ତ୍ରୀ ବୋଲଡିମିର ଜେଲେନସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ମୋଦୀ ମଧ୍ୟ ତାଙ୍କ ଇଟାଲି ପ୍ରତିପକ୍ଷ ଜର୍ଜିଆ ମେଲୋନିଙ୍କ ସହ ଜି-୭ ସମ୍ମିଳନୀ କାର୍ଯ୍ୟସ୍ଥଳରେ ଦ୍ୱିପାକ୍ଷିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଜି-୭ ସମ୍ମିଳନୀରେ ଇଟାଲି ପ୍ରଧାନମନ୍ତ୍ରୀ ମେଲୋନି 'ନମସ୍ତେ' କହି ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ ଏବଂ ମୋଦୀ ପ୍ରତିରକ୍ଷା, ପରମାଣୁ ଏବଂ ମହାକାଶ କ୍ଷେତ୍ରରେ ୨ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବାପାଇଁ ଆଲୋଚନା କରିଛନ୍ତି। କୃତ୍ରିମ ବୁଦ୍ଧିମତା(ଏଆଇ) କ୍ଷେତ୍ରରେ ଭାରତର ପ୍ରୟାସକୁ ମାକ୍ରନ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷେ ଜେଲେନସ୍କି ମୋଦୀଙ୍କୁ ରୁଷ୍-ୟୁକ୍ରେନ ଯୁଦ୍ଧ ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ସୁନକ ଏବଂ ମୋଦୀ କଥାବାର୍ତ୍ତା ସମୟରେ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜେଲେନସ୍କିଙ୍କ ସହ କଥାବାର୍ତ୍ତା ପ୍ରସଙ୍ଗରେ ମୋଦୀ କହିଛନ୍ତି, ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଫଳପ୍ରଦ କଥାବାର୍ତ୍ତା ହୋଇଛି। ୟୁକ୍ରେନ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାପାଇଁ ଭାରତ ଆଗ୍ରହୀ। ଆଜି ଅପରାହ୍ନରେ ଅନୁଷ୍ଠିତ ଜି-୭ର ଦ୍ୱିତୀୟ ବୈଠକରେ ଇସ୍ରାଏଲ-ଗାଜା ଯୁଦ୍ଧ, ଆଫ୍ରିକା ପ୍ରସଙ୍ଗ, ଶକ୍ତି ଏବଂ 'ଗ୍ଲୋବାଲ ସାଉଥ୍' ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଗାଜାରେ ଜାତିସଂଘର କାର୍ଯ୍ୟରେ ବାଧା ସୃଷ୍ଟି କରାଯିବା ଉଚିତ ନୁହେଁ ଏବଂ ଏହା ସୁନିଶ୍ଚିତ ହେବା ଆବଶ୍ୟକ ବୋଲି ବିଶ୍ୱ ନେତାମାନେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ୟୁକ୍ରେନ ଯୁଦ୍ଧ ରୋକିବା ନେଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଶାନ୍ତି ପ୍ରସ୍ତାବ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଜେଲେନସ୍କି କହିଥିଲେ। ଜି-୭ ସମ୍ମିଳନୀରେ ପୋପ୍ ଫ୍ରାନ୍ସିସ ପ୍ରଥମ ଧର୍ମଗୁରୁ ଭାବେ ଉଦ୍‌ବୋଧନ ଦେଇ ମାନବତାର ସୁରକ୍ଷା ପାଇଁ ବିଶ୍ୱନେତାମାନେ ଯଥୋଚିତ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଥିଲେ।

## ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହେଲେ କାମଚଳା ବାଚସ୍ପତି




ଭୁବନେଶ୍ୱର, ୧୪/୬ (ନି.ପ୍ର): ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହେଲେ କାମଚଳା ବାଚସ୍ପତି। ସପ୍ତଦଶ ବିଧାନସଭାର କାମଚଳା ବାଚସ୍ପତି ଭାବରେ ସେ ଶପଥ ନେଇଛନ୍ତି। ଆଜି ତାଙ୍କୁ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୮ ଓ ୧୯ ତାରିଖରେ ବିଧାନସଭାରେ ନିର୍ବାଚିତ ବିଧାୟକଙ୍କୁ ଶପଥ ପାଠ କରାଇବେ। ଏହାପରେ ୨୦ ତାରିଖରେ ବାଚସ୍ପତି ନିର୍ବାଚନକୁ ପରିଚାଳନା କରିବେ। ୧୯ ତାରିଖ ଦିନ ନୂଆ ବାଚସ୍ପତି ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ ବୋଲି ଜଣାପଡ଼ିଛି। ବିଜେପି ନିଜର ବରିଷ୍ଠ ନେତ୍ରୀ ସୁରମା ପାଢ଼ୀଙ୍କୁ ବାଚସ୍ପତି ପଦରେ ଆସୀନ କରାଇପାରେ ବୋଲି ଚର୍ଚ୍ଚା ହେଉଛି। ବିଧାନସଭାରେ ବିଜେପିର ୭୮ ବିଧାୟକ ଓ ୩ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଉଭୟ ବାଚସ୍ପତି ଓ ଉପବାଚସ୍ପତି ପଦ ବିଜେପି ପାଖରେ ରହିବ ବୋଲି ଜଣାପଡ଼ିଛି। ବିଧାନସଭା ଓ ସଂସଦରେ ସ୍ୱଳ୍ପ ସମୟ ପାଇଁ ଗୃହ କାର୍ଯ୍ୟ ପରିଚାଳନା ପାଇଁ କାମଚଳା ବାଚସ୍ପତି ନିଯୁକ୍ତି କରାଯାଇଥାଏ। ବରିଷ୍ଠ ବିଧାୟକଙ୍କୁ ପ୍ରୋଟେମ୍ ସ୍ପିକର ବା କାମଚଳା ବାଚସ୍ପତି ଭାବରେ ଦିଆଯାଏ ନିଯୁକ୍ତି।

## ଯୁବକଙ୍କୁ ପିଟି ପିଟି ହତ୍ୟା

ଢେଙ୍କାନାଳ, ୧୪/୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଳାସ ଗାଁ ପୁରୁଣାଡ଼ିହ ସାହିରେ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାଁ ଅଚ୍ୟୁତାନନ୍ଦ ନାଥ। ଅଚ୍ୟୁତାନନ୍ଦ ଗତକାଲି ଗାଧୋଇ ଘରକୁ ଫେରୁଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଠେଙ୍ଗାରେ ପିଟି ପିଟି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଅଚ୍ୟୁତାନନ୍ଦ ନାଥଙ୍କ ବଡ଼ ଭାଇ ନିରାକାର ନାଥ କହିଛନ୍ତି ଯେ ଜମିବାଡ଼ିକୁ କେନ୍ଦ୍ର କରି ତାଙ୍କର (ଅଚ୍ୟୁତାନନ୍ଦ ନାଥଙ୍କର) ଦୁଇ ତିନୋଟି ପରିବାର ସହିତ ଶତ୍ରୁତା ଥିଲା। ▶▶ପୃଷ୍ଠା ୭

## ୧୭ ପର୍ଯ୍ୟନ୍ତ ୟେଦୁରପ୍ପା ଗିରଫ ହୋଇ ପାରିବେନି: ହାଇକୋର୍ଟ



ନୂଆଦିଲ୍ଲୀ: ଏକ ଶିଶୁ ଯୌନ ନିର୍ଯ୍ୟାତନା ମାମଲାରେ ବିଚାରଣ ସାମ୍ନା କରୁଥିବା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦୁରପ୍ପାଙ୍କୁ ଆଜି କର୍ଣ୍ଣାଟକ ହାଇକୋର୍ଟ ଗିରଫରୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆସନ୍ତା ଜୁନ୍ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବା ପର୍ଯ୍ୟନ୍ତ ୟେଦୁରପ୍ପା ଗିରଫ ▶▶ପୃଷ୍ଠା ୭

## ଜୁଲାଇ ୧ରୁ ସାରା ଦେଶରେ ଲାଗୁ ହେବ ନୂଆ ଭାରତୀୟ ନ୍ୟାୟ ସଂହିତା



ଭୁବନେଶ୍ୱର, ୧୪/୬ (ନି.ପ୍ର): ଆସନ୍ତା ଜୁଲାଇ ୧ ତାରିଖରୁ ସାରା ଦେଶରେ ଲାଗୁ ହେବ ନୂଆ ଭାରତୀୟ ନ୍ୟାୟ ସଂହିତା। ଏଥିସହିତ ଉଠିଯିବ ୧୮୬୦ ମସିହାରୁ ଚାଲି ଆସୁଥିବା ବ୍ରିଟିଶ ନିୟମ। ଏ ନେଇ ସବୁ ରାଜ୍ୟର ପୁଲିସ୍ ଡିଜିଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। କେନ୍ଦ୍ର ଗୃହ ସଚିବ ଏନେଇ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ଡିଜିପିଙ୍କ ସହିତ ଭିସିରେ ଆଲୋଚନା କରିଛନ୍ତି। ନୂଆ ନିୟମ ଅନୁସାରେ ଦେଶରୁ ହଟିବ 'କ୍ରିମିନାଲ୍ ପ୍ରୋସିଜିଓର କୋଡ୍'-ଉକ୍ସଚଉ, ଇଣ୍ଡିଆନ୍ ପେନାଲ୍ କୋଡ୍- ଓଚଉ ଏବଂ ଏଭିଡ଼େନ୍ସ ଆକ୍ଟ। 'ଇଣ୍ଡିଆନ୍ ପେନାଲ୍ କୋଡ୍-ଓଚଉ' ପରିବର୍ତ୍ତେ ଆସିବ 'ଭାରତୀୟ ନ୍ୟାୟ ସଂହିତା', ''କ୍ରିମିନାଲ୍ ପ୍ରୋସିଜିଓର କୋଡ୍' ପରିବର୍ତ୍ତେ ଆସିବ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ଏବଂ 'ଇଣ୍ଡିଆନ୍ ଏଭିଡେନସ୍ ଆକ୍ଟ' ପରିବର୍ତ୍ତେ ଆସିବ 'ଭାରତୀୟ ସାକ୍ଷ୍ୟ'। ଏ ନେଇ ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଓ ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ ସହ ମିଳିତ ଆଲୋଚନା ହୋଇଛି। ଏହି ନୂଆ ନିୟମ କାର୍ଯ୍ୟକାରୀ ପାଇଁ ଥିବା ପ୍ରାବଧାନ ସଂପର୍କରେ ବରିଷ୍ଠ ଆଇପିଏସଙ୍କ ସହ ଆଲୋଚନା କରିଛନ୍ତି ଡିଜିପି। ଜୁଲାଇ ୧ ତାରିଖ ମଧ୍ୟରେ ଯେତିକି କେସ ରୁଜୁ ହୋଇଥିବ, ତାହା ପୁରୁଣା ସିଆରପିସି ଅଧୀନରେ ଟ୍ରାଏଲ କରାଯିବ ବୋଲି ଡିଜିପି କହିଛନ୍ତି।

## ଅସମ୍ଭାଳ ତାତି : ୧୭ରୁ ବର୍ଷା ବଢ଼ିବ !

ଭୁବନେଶ୍ୱର, ୧୪/୬ (ନି.ପ୍ର): ଖରାର ଅସମ୍ଭାଳ ତାତି ଭିତରେ ଆସିଲା ଭଲ ଖବର। ଆଗାମୀ ୧୭ ତାରିଖରୁ ବର୍ଷା ବଢ଼ିବ। ରାଜ୍ୟର କେତେକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପଟେ ମୌସୁମୀ ଅଗ୍ରସର ପାଇଁ ପାଗ ଅନୁକୂଳ ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୧୭ ତାରିଖରୁ ବର୍ଷା ବଢ଼ିବ। ସେହିଦିନ ନୟାଗଡ଼, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୮ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ରହିଛି।

## ପାନ ପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ମୃତ, ୧୪ ଆହତ

ପୁରୀ, ୧୪/୬ (ନି.ପ୍ର): ପୁରୀ ଜିଲ୍ଲା ନୟାହାଟ-କାକଟପୁର ରାସ୍ତାର ଜଗନ୍ନାଥପୁର ନିକଟରେ ଆଜି ଭୋରରେ ଏକ ପାନ ପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ମୃତାହତମାନେ ପାନଚାଷୀ। ଦୁଇ ମୃତକ ଦେଉଛନ୍ତି ଅସ୍ତରଙ୍ଗ ଛଡିଆନା ଗାଁର ଯୋଗେନ୍ଦ୍ର ସ୍ୱାଇଁ ଓ କେନ୍ଦ୍ରାପଟି ଗାଁର ଶରତ ସାହୁ। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ୧୬ ଜଣ ଚାଷୀ ଆଜି ଭୋରରେ କାକଟପୁରରୁ ପିକ୍‌ଅପ୍ ଭ୍ୟାନ୍‌ରେ ପାନ ପତ୍ର ନେଇ ନୟାହାଟ ପାନ ମଣ୍ଡିକୁ ଯାଉଥିବା ବେଳେ ଜଗନ୍ନାଥପୁର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଯୋଗେନ୍ଦ୍ର ସ୍ୱାଇଁ ଓ ଶରତ ସାହୁଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ିରେ ଥିବା ଅନ୍ୟ ୧୪ ଜଣ ଚାଷୀ ଆହତ ହୋଇଛନ୍ତି। ସେମାନଙ୍କ ▶▶ପୃଷ୍ଠା ୭

## ନିଷ୍କ୍ରିୟ କଲାବେଳେ ଫୁଟିଗଲା ବୋମା: ଜଣେ ହାବିଲଦାର ମୃତ

କଟକ, ୧୪/୬ (ନି.ପ୍ର): ଜବତ ବୋମା ନିଷ୍କ୍ରିୟ କଲା ବେଳେ ଫୁଟିଯିବାରୁ ଜଣେ ହାବିଲଦାରଙ୍କର ମୃତ୍ୟୁ ଘଟିଛି। ଏମିତି ଏକ ଅଭିଯୋଗ ଆସିଛି କଟକରୁ। ମୃତ ହାବିଲଦାରଙ୍କ ନାଁ ପ୍ରଦୀପ ମଲ୍ଲିକ। ତାଙ୍କ ଘର କଟକର ପୀର ବଜାର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ବୋମା ନିଷ୍କ୍ରିୟକାରୀ ୩ ଜଣିଆ ଟିମ୍‌ରେ ସାମିଲ ହୋଇଥିଲେ ଓ ଏହାର ନେତୃତ୍ୱ ନେଉଥିଲେ। କଟକ ସଦର ଥାନାର ଏକ ପରିତ୍ୟକ୍ତ ଘରେ ଏହି ଜବତ ବୋମା ରଖାଯାଇଥିଲା। ଜବତ ବୋମାଗୁଡ଼ିକୁ ନିଷ୍କ୍ରିୟ କରିବାକୁ ଗୋପାଳପୁର ନିକଟ ନଦୀପଠାରୁ ଅଣାଯାଇଥିଲା। ସେଠାରେ ନିଷ୍କ୍ରିୟ ପ୍ରକ୍ରିୟା ଚାଲିଥିବା ବେଳେ ବୋମା ଫୁଟି ଯାଇଥିଲା ଓ ହାବିଲଦାର ପ୍ରଦୀପ ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା ବୋଲି ସୂଚନା ମିଳିଛି। ବୋମାଗୁଡ଼ିକରେ ନିଆଁ ଲଗାଯାଇଥିଲା ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ତାହା ବୋମା ନଥିଲା ବୋଲି କହିଛନ୍ତି କଟକ ଏଡିସିପି ଅନୀଲ ମିଶ୍ର। ସେ କହିଛନ୍ତି ଯେ ତାହା ବୋମା ନଥିଲା। ତାହା ବାଣ ଥିଲା। ତେବେ କେଉଁ ପରିସ୍ଥିତିରେ ଓ କେମିତି ଏହି ଘଟଣା ଘଟିଲା, ତା'ର ତଦନ୍ତ କରାଯିବ। ଯେଉଁ ବିସ୍ଫୋରକ ଫୁଟି ଜଣେ ହାବିଲଦାରଙ୍କର ମୃତ୍ୟୁ ଘଟିଲା, ତାହା ବୋମା ଥିଲା କି ବାଣ ଥିଲା ସ୍ପଷ୍ଟ ହୋଇପାରିନି। ଏହା ବି କୁହାଯାଉଛି, ବିଭିନ୍ନ ସମୟରେ ଜବତ କରାଯାଇଥିବା ବାଣଗୁଡ଼ିକୁ ନିଷ୍କ୍ରିୟ କରିବାକୁ ନଦୀପଠାକୁ ଅଣାଯାଇଥିଲା। ସେଗୁଡ଼ିକରେ ନିଆଁ ଲଗାଇ ଦିଆଯାଇଥିଲା। ବାଣଗୁଡ଼ିକ ଭିତରେ କିଛି ବୋମା ଥିଲା। ତେଣୁ ଏଭଳି ଏକ ଅଘଟଣ ଘଟିଗଲା। ତେବେ ବାଣ ହେଉ ଅବା ବୋମା, ସେଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ରହିଥିବା ଗାଇଡ୍‌ଲାଇନ୍‌କୁ ପାଳନ କରାଯାଇଥିଲା ନା ନାହିଁ, ସେଗୁଡ଼ିକୁ ନିଷ୍କ୍ରିୟ କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ, ଏବେ ସେ ସବୁ ପ୍ରଶ୍ନ ଉଠୁଛି। ପୁଲିସର ତଦନ୍ତ ପରେ ଏହା ସାମ୍ନାକୁ ଆସିପାରେ। ଘଟଣାସ୍ଥଳରେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ସହିତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରୁଛନ୍ତି।

## ପୁଣି ଥରେ ହଂକଂକୁ ଟପି ବିଶ୍ୱର ଚତୁର୍ଥ ବୃହତ୍ତମ ଶେଆର ବଜାର ହେଲା ଭାରତ

ନୂଆଦିଲ୍ଲୀ, ୧୪/୬ : ପୁଣି ଥରେ ହଂକଂକୁ ଟପିଲା ଭାରତୀୟ ଶେଆର ବଜାର। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ହଂକଂ ଶେଆର ବଜାରକୁ ପଛରେ ପକାଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଶ୍ୱର ଚତୁର୍ଥ ବୃହତ୍ତମ ଶେଆର ବଜାର ହୋଇଛି। ବ୍ଲୁମବର୍ଗ ରିପୋର୍ଟ ଅନୁସାରେ, ଇଫର ଅଧୀନରେ ଆସୁଥିବା କମ୍ପାନୀଗୁଡ଼ିକର ମାର୍କେଟ କ୍ୟାପ୍(କମ୍ପାନୀଗୁଡିକର ଶେଆର ମୂଲ୍ୟ) ହଂକଂ ବଜାରକୁ ଟପି ଯାଇଛି। ଭାରତୀୟ ଶେଆର ମାର୍କେଟର ମୂଲ୍ୟ ୫.୧୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିବା ବେଳେ ହଂକଂର ୫.୧୭ ଟ୍ରିଲିୟନ ଡଲାର ରହିଛି । ସେପଟେ ଆମେରିକାର ମିଡ୍ କ୍ୟାପ ଶେଆର ମାର୍କେଟର ବଜାର ମୂଲ୍ୟ ଉଚ୍ଚରେ ରହିଛି। ଆମେରିକାର ମୋଟ୍ ବଜାର ମୂଲ୍ୟ ୫୬.୪୯ ରେ ଥିବା ବେଳେ ପଛରେ ରହିଛି ଚୀନ୍। ଚୀନର ବଜାର ମୂଲ୍ୟ ୮.୮୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଜାପାନ ୬.୩୦ ଟ୍ରିଲିୟନ ଡଲାର ସହ ତୃତୀୟ ସ୍ଥାନରେ ରହିଛି। ତେବେ ଭାରତୀୟ ଶେଆର ବଜାରର ଏହି ଅଗ୍ରଗତି ସହ ଭାରତ ଦ୍ୱିତୀୟ ଥର ପାଇଁ ହଂକଂ ଷ୍ଟକ୍ ମାର୍କେଟକୁ ଟପି ଯାଇଛି। ଚଳିତ ବର୍ଷ ଜାନୁୟାରୀ ୨୩ରେ ହଂକଂକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ଶେଆର ମାର୍କେଟ ହୋଇଥିଲା ଭାରତ। କିନ୍ତୁ ଏହା ପରେ ହଂକଂର ହ୍ୟାଙ୍ଗ ସେଙ୍ଗ ଇଣ୍ଡେକ୍ସ ୧୨%ରୁ ଅଧିକ ରିଟର୍ଣ୍ଣ ସହ ସର୍ବମୋଟ୍ ୨୦% ବୃଦ୍ଧି ଘଟିଥିଲା, ଯାହା ଫଳରେ ଜୁନ୍ ଯାଏ ନିଜର ଚତୁର୍ଥ ସ୍ଥାନ ବଜାୟ ରଖିଥିଲା ହଂକଂ। ଲୋକସଭା ନିର୍ବାଚନକୁ ନେଇ ଶେଆର ମାର୍କେଟରେ ଚାଲିଥିବା ଅସ୍ଥିରତା ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପୁଣି ଥରେ ପୂର୍ବ ସ୍ଥିତିକୁ ଫେରିଛି। ନିର୍ବାଚନ ରେଜଲ୍ଟ ପ୍ରକାଶ ପାଇବା ଦିନ ବଜାରରେ ପ୍ରବଳ ଅସ୍ଥିରତା ଦେଖା ଦେଇଥିଲା। ଏଗଜିଟ୍ ପୋଲ୍ ଅନୁସାରେ ରେଜଲ୍ଟ ନ ହେବାରୁ ଶେଆର ବଜାର ୬ ପ୍ରତିଶତ ହ୍ରାସ ପାଇଥିଲା। ଏହି ଦିନ ନିବେଶକଙ୍କୁ ପ୍ରବଳ କ୍ଷତି ସହିବାକୁ ପଡିଥିଲା। କିନ୍ତୁ ଏହା ପରଠାରୁ ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ଜୁନ୍ ୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିବା ପରେ ଏହାର ପ୍ରଭାବ ଶେଆର ବଜାର ଉପରେ ପଡ଼ିଥିଲା। ମାର୍କେଟ ଖୋଲିବା ପରେ ଉଚ୍ଚରେ ପହଞ୍ଚି ଥିଲା ସେନ୍ ?ସେକ୍ସ। ପ୍ରଥମ ଥର ପାଇଁ ସେନ୍‌ସେକ୍ସ ୭୭ ହଜାର ମାର୍କ ଅତିକ୍ରମ କରିଥିଲା। ଆଉ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଶ୍ୱର ଚତୁର୍ଥ ବୃହତ୍ତମ ଶେଆର ବଜାର ହୋଇପାରିଛି।

# ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମୃତ୍ୟୁର ଜାଲ ଖଞ୍ଜିଥିଲେ ନକ୍ସଲ: ୩୩୫୦ଟି ସ୍ପାଇକ କାଠି ଉଦ୍ଧାର



ମାଲକାନଗିରି, ୧୪/୬ (ନି.ପ୍ର): ମାଓବାଦୀଙ୍କ କାର୍ଯ୍ୟକଳାପ ଯୋଗୁଁ ଛତିଶଗଡ଼ ଓ ତେଲେଙ୍ଗାନା ସୀମାନ୍ତବର୍ତ୍ତୀ ଅଂଚଳର ଆଦିବାସୀ ଲୋକମାନେ ଭୟଭୀତ ହେଉଛନ୍ତି। ତେଲେଙ୍ଗାନା-ଛତିଶଗଡ଼ର ଜଙ୍ଗଲରେ ରହୁଥିବା ଆଦିବାସୀ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ ସେମାନେ ଜଂଗଲକୁ ଗଲେ ମାଓବାଦୀର ଆଖ୍ୟା ଦିଆଯାଉଛି। ଜଂଗଲରେ ପାଦ ପାଦକେ ବିପଦ ରହିଥିବା ଲୋକେ କହିଛନ୍ତି। ଅନ୍ୟଦିଗରେ ନିଷିଦ୍ଧ ମାଓବାଦୀ ଦଳର ନେତାମାନେ ସେମାନଙ୍କ ପ୍ରତି ଭଲ କାମ କରୁଛନ୍ତି ବୋଲି ଦର୍ଶାଇ ଆଦିବାସୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି।

ମାଓବାଦୀମାନେ କ୍ଷତି ଏବଂ ଗୁରୁତର ଆଘାତ ଘଟାନ୍ତି ତେଣୁ ସୀମାନ୍ତ ଅଞ୍ଚଳରେ ରହୁଥିବା ଆଦିବାସୀମାନେ ସଜାଗ ରହିବା ଉଚିତ ବୋଲି ପୁଲିସ କହୁଛି। ମାଓବାଦୀ ନେତାମାନେ ଦାବି କରନ୍ତି ଯେ ଆମର ସଂଗ୍ରାମ ଆଦିବାସୀମାନଙ୍କ ପାଇଁ, ତେଣୁ ସେମାନେ ସୀମା ଅଞ୍ଚଳକୁ ନିଜ ଅଧୀନରେ ନିଅନ୍ତୁ, ଜଙ୍ଗଲ ଅଞ୍ଚଳକୁ ଦୁର୍ଗ ପରି କରିଦିଅନ୍ତୁ ଏବଂ ଶତ୍ରୁକୁ ରୋକିବା ପାଇଁ ଏପରି ହିଂସାତ୍ମକ କାର୍ଯ୍ୟ କରନ୍ତୁ ବୋଲି ନକ୍ସଲ ଉସୁକାଉଛନ୍ତି।ଆଦିବାସୀମାନେ ଚଳପ୍ରଚଳ କରୁଥିବା ସ୍ଥାନରେ ମୃତ୍ୟୁର ଯନ୍ତା ବା ଫାନ୍ଦ ସ୍ଥାପନ କରୁଛନ୍ତି। ଆଦିବାସୀଙ୍କ ଅଭିଯୋଗ ପାଇବା ପରେ ତେଲେଙ୍ଗାନାର ଭଦ୍ରାଦି ଅଂଚଳର ପୁଲିସ ଜଂଗଲରେ ସର୍ଚ୍ଚ ଅପରେସନ କରି ୫୮ଟି ମୃତ୍ୟୁର ଫାନ୍ଦ ଠାବ କରିଥିଲେ। ଏହି ମୃତ୍ୟୁର ଫାନ୍ଦରେ ୩୩୫୦ଟି ସ୍ପାଇକ କାଠି ରହିଥିବା ପୁଲିସ ଜାଣିବାକୁ ପାଇଛି। ଏହାକୁ କେବଳ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଯନ୍ତା ବିଛାଯାଇଥିଲେ ମଧ୍ୟ ଏଥିରେ ନିରୀହ ଆଦିବାସୀ ବଳି ପଡୁଛନ୍ତି। ତେଣୁ ସୀମାନ୍ତବର୍ତ୍ତୀ ଅଂଚଳର ଆଦିବାସୀ ଏବେ ଜଂଗଲକୁ ଯାଇପାରୁ ନାହାନ୍ତି। ଜଂଗଲରେ ଗୋଟିଏ ପଟେ ପୁଲିସର ଭୟ ଅନ୍ୟ ପଟେ ମୃତ୍ୟୁର ଯନ୍ତାରେ ଫସିବାର ଭୟ ରହିଛି।

# କଟାଗଛରେ ରଙ୍ଗବୋଳି ସୌନ୍ଦର୍ଯ୍ୟୀକରଣ: ରାସ୍ତା ସମ୍ପ୍ରସାରଣ ପାଇଁ କାଟି ଦେଇଥିଲେ



ବୌଦ୍ଧ, ୧୪/୬ (ନି.ପ୍ର): ବୌଦ୍ଧ ସହରରେ ଏକ ଅଜବ ଦୃଶ୍ୟ ସାମ୍ନାକୁ ଆସିଛି। କଚେରି ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଗଲାବେଳେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ବଡ଼ ବଡ଼ ଗଛ କଟା ହୋଇଯାଇଥିବା ବେଳେ ସେଗୁଡ଼ିକର ମୂଳ (ଗଣ୍ଡି)ଗୁଡ଼ିକ ରହିଛି। ସେଥିରେ ପୁଣି ରଙ୍ଗ ବୋଳି ସୌନ୍ଦର୍ଯ୍ୟୀକରଣ କରାଯାଇଛି। ଏହାକୁ ଦେଖି ଯେକେହି ବି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବୁଝୁବୁଝୁ ଜଣାପଡ଼ିଲା ଯେ, କିଛିବର୍ଷ ତଳେ ଏହି ବିଶାଳକାୟ ଗଛଗୁଡ଼ିକୁ ରାସ୍ତା ପ୍ରଶସ୍ତୀକରଣ ପାଇଁ କାଟି ଦିଆଯାଇଥିଲା। ତେବେ ସମ୍ପୂର୍ଣ୍ଣ ଗଛଗୁଡ଼ିକୁ ନକାଟି ମୂଳଗୁଡ଼ିକୁ ଛାଡ଼ି ଦିଆଯାଇଥିଲା। ସେଗୁଡ଼ିକୁ ରଙ୍ଗ ବୋଳି, ଚିତ୍ର ଆଙ୍କି ଜନସାଧାରଣଙ୍କୁ ଗଛ ଲଗାଇବା ପାଇଁ ପ୍ରେରିତ କରିବା ଭଳି ସାମାଜିକ ବାର୍ତ୍ତା ଦେବାପାଇଁ ପଦକ୍ଷେପ ନିଆଯାଇଥିଲା। 'ରାସ୍ତା ପାଇଁ ଗଛଗୁଡ଼ିକ ଜୀବନ ଦେଇଥିବାରୁ ସେମାନଙ୍କୁ କେହି ନଭୁଲିବା ଏବଂ ଗଛ ଲଗାଇ ମୂଳ ଶୁଝିବା' ଭଳି ବାର୍ତ୍ତା ଥିବା ଏକ ହୋର୍ଡିଂ ମଧ୍ୟ ସେଠାରେ ଶୋଭାପାଉଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ଗଛଗୁଡ଼ିକର ମୂଳ ରାସ୍ତା ତିଆରିରେ ବାଧକ ସାଜିଲେ ନାହିଁ, ତେବେ ତା'ର ଡାଳପତ୍ର କାଟି ଥୁଣ୍ଟା ସଜାଇ ଦେବାର କ'ଣ ଆବଶ୍ୟକତା ଥିଲା। ଯଦି ରାସ୍ତାରେ ଯାନବାହନ ଯିବା ଆସିବା ବେଳେ ବାଜିବାର ଆଶଙ୍କା ଥିଲା, ତେବେ ଗଛଗୁଡ଼ିକୁ ଡାଳପତ୍ରକୁ କଟାଯାଇ ପାରନ୍ତା। ଏତେ ବଡ଼ବଡ଼ ଗଛ ଯେଉଁ ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଦେଉଥିଲେ, ବାୟୁମଣ୍ଡଳରୁ ଯେତେ ପରିମାଣର ଅଙ୍ଗାରକାମ୍ଳ ଶୋଷି ନେଉଥିଲେ, ତା'ର ଭରଣା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ? କେବଳ ଯାହା କଟାଗଛର ମୂଳକୁ ବିକଳ ରୂପ ଦେଇ ସଚେତନତା ବାର୍ତ୍ତା ଥିବା ହୋର୍ଡିଂଟିଏ ଲାଗାଇ ଦିଆଯାଇଛି। ଏହା ସେହି ବାଟ ଦେଇ ଯାଉଥିବା ପ୍ରତ୍ୟେକ ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଛି। ଇକୋ କ୍ଲବ୍ ସଂଯୋଜକ ତଥା ଉଦ୍ଭିଦବିଜ୍ଞାନୀ ପ୍ରବୀର ଦାସଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଯେଉଁ ଗଛଗୁଡ଼ିକର ମୂଳଗୁଡ଼ିକୁ ନେଇ ସେଠାରେ ରଖାଯାଇଛି, ସେଗୁଡ଼ିକ କଚେରି ପଡ଼ିଆ ସମ୍ମୁଖରୁ କୋଭିଡ ସମୟରେ କଟାଯାଇଥିଲା। ସେଠାରେ ରାସ୍ତା ପ୍ରଶସ୍ତୀକରଣ ସହ ଡ୍ରେନ୍ ନିର୍ମାଣ ହୋଇଛି। କିନ୍ତୁ ଯେଉଁଭଳି ଭାବେ ସେଗୁଡ଼ିକୁ ରାସ୍ତା କଡ଼ରେ ରଖାଯାଇଛି, ତାହା ସାମାଜିକ ବାର୍ତ୍ତା ଦେବା ପରିବର୍ତ୍ତେ ବାଟୋଇଙ୍କ ମନରେ ନକରାତ୍ମକ ପ୍ରଭାବ ପକାଉଛି। ଗଛଗୁଡ଼ିକ ପ୍ରତି ଉପହାସ କଲାଭଳି ଲାଗୁଛି। ଏହା ପରିବର୍ତ୍ତେ ସେହି ସ୍ଥାନ ସହ ରାସ୍ତା ପ୍ରଶସ୍ତୀକରଣ ହେଲା ପରେ ଉଭୟ ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରାଗଲେ, ଏହା ପରିବେଶ ସୁରକ୍ଷାରେ ସହାୟକ ହୋଇପାରିବ ବୋଲି ଶ୍ରୀ ଦାସ କହିଛନ୍ତି।

# ଜଳିଗଲା କାର ଅଳ୍ପକେ ବର୍ତ୍ତିଲେ ୩ ଜଣ



ଠାକୁରମୁଣ୍ଡା, ୧୪/୬ (ନି.ପ୍ର): ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା ଥାନାରୁ ୨ କିମି ଦୂର ଚମକପୁର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ କାରଟି ଜଳି ଯାଇଥିବାବେଳେ ସ୍ଥାନୀୟ ଲୋକ ଗାଡି ଭିତରୁ ୩ ଜଣ ଆରୋହୀଙ୍କୁ ଉଦ୍ଧାର କରିଛନ୍ତି।

ଘଟଣାରୁ ପ୍ରକାଶଯେ, ଆଜି ଅପରାହ୍ନ ୩ଟାରେ କରଞ୍ଜିଆ ବ୍ଲକ ତାଟୋ ଓ ବଡଗାଁ ଅଞ୍ଚଳରୁ ଏକ କାର (ଓଡି ୦୧ସି-୪୦୨୨)ରେ ଚିତ୍ତରଞ୍ଜନ ନାୟକ(୨୨), ଝରଣ କୁମାର ମହାନ୍ତ (୩୦) ଓ କମଳକୃଷ୍ଣ ମହାନ୍ତ ବାହାଘର ପାଇଁ ମାର୍କେଟିଙ୍ଗ କରିବାକୁ ଭୁବନେଶ୍ୱର ଯାଉଥିଲେ। ସେମାନେ ଚମକପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ୨ଟି ବଡ଼ ଶାଳ ଗଛକୁ ଧକ୍କା କରିଥିଲେ। ଶବ୍ଦ ଶୁଣି ଲୋକମାନେ ଦୌଡ଼ି ଆସିଥିଲେ। ଗାଡ଼ି ଭିତରେ ରହିଯାଇଥିବା ୩ ଜଣଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ କାରଟି ଜଳିବାକୁ ଆରମ୍ଭ କରିଥିଲା। ଲୋକଙ୍କୁ ଉଦ୍ଧାର କରିବା ପରେ କାରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଚିତ୍ତରଞ୍ଜନ ନାୟକଙ୍କୁ ଥାନା ଅଟକ ରଖିଥିବାବେଳେ ଡ୍ରାଇଭର ପାଖରେ ବସିଥିବା କମଳ କୃଷ୍ଣ ମହାନ୍ତଙ୍କ ଛାତିରେ ଆଘାତ ଲାଗିଥିବା କାରଣରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସମସ୍ତେ ଆହତ ହୋଇଛନ୍ତି।

# ସହର ଉପକଣ୍ଠରେ ହାତୀପଲ: ବ୍ୟାପକ ଫସଲ ନଷ୍ଟ, ଲୋକେ ଆତଙ୍କିତ



ଘୁ.ଉଦୟଗିରି, ୧୪/୬ (ନି.ପ୍ର): ଦୀର୍ଘ ଏକ ମାସ ହେଲା ହାତୀପଲ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ବ୍ୟାପକ ଫସଲ ନଷ୍ଟ କରିଚାଲିଛି ଶେଷରେ ଲୋକଙ୍କ ଘରଦ୍ୱାର ମଧ୍ୟ ଭାଙ୍ଗିବାରେ ଲାଗିଛି।ବାଧ ହୋଇ ଲୋକ ନିଜ ଭିଟାମାଟି ଛାଡୁଛନ୍ତି। ପ୍ରାପ୍ତ ସୂଚନାନୁସାରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ କୁରୁଙ୍ଗିଆ ଗାଁ ନିକଟରେ ଥିବା କାଡାମାହାରେ ମଙ୍ଗଳବାର ରାତି ଜଙ୍ଗଲୀ ହାତୀ ପୁଣିଥରେ ଘର ଦ୍ୱାର ସହ ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ସେହି ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି।

ରାତି ପ୍ରାୟ ୮ଟାରୁ ଭୋର ୫ ଘଣ୍ଟା ପର୍ଯ୍ୟନ୍ତ ୨୫ ଟିକିଆ ହାତୀପଲ କୁରୁମିଙ୍ଗିଆ, ବାରାକାଣ୍ଡି, ସାଲୁଙ୍ଗି, ରେଟ୍ଟୁଡ଼ି, ଗୁଟେଡ଼କୁପା, ଡଗରମୁଣ୍ଡା ଦେଇ କାଡ଼ାମାହା ଗ୍ରାମରେ ପହଞ୍ଚି ଘର ଦ୍ୱାର ଭଙ୍ଗା ରୁଜା ସହ ଫସଲ ହାନି କରିଛନ୍ତି। କାଡ଼ାମାହାର ମଳିନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସରିତା ପ୍ରଧାନ, ଜନନୀ ପ୍ରଧାନ, ତାରା ପ୍ରଧାନ, ବିଷ୍ଣୁ ପ୍ରଧାନ, ରାଜେଶ ପ୍ରଧାନ, ରାନୁମା ପ୍ରଧାନ, ଲିଖା ପ୍ରଧାନ, ରାଜନ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ସିଧେଶ୍ୱର ପ୍ରଧାନ, ଜିଦାରାଣୀ ପ୍ରଧାନଙ୍କ ଫସଲ ବାଡ ଭିତରେ ପଶି ଚଣା, ଆମ୍ବ, ପଣସ, କଦଳୀ ଖାଇବା ସହ ବ୍ୟାପକ କ୍ଷୟ କ୍ଷତି କରି ଘର ଦ୍ୱାର ଭାଙ୍ଗିଦେଇଛନ୍ତି।

କାଡ଼ାମାହା ବାସୀଙ୍କ କହିବାନୁସାରେ ୨୫ ଟିକିଆଜଙ୍ଗଲୀ ହାତୀ ପଲ ସନ୍ଧ୍ୟା ହେଲେ ଗାଁ ଭିତରେ ପସି ଫସଲ ଖାଇ ଘର ଭାଙ୍ଗିବାର ଦୃଶ୍ୟ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। କାଡ଼ାମାହା ଗ୍ରାମବାସୀ ଭୟରେ ଘର ଦ୍ୱାର ଭିଟାମାଟି ଛାଡି ଅନ୍ୟତ୍ର ଚାଲି ଯାଉଥିବା ଦେଖିବାକୁ ମିଳିଛି। ହାତୀ ଆତଙ୍କ ଦେଖି ଲୋକେ ତାଙ୍କ ପିଲା ଛୁଆଙ୍କୁ ଧରି ଗାଁ ଛାଡ଼ି ଯାଉଛନ୍ତି। ଯଥା ଶୀଘ୍ର ଜଙ୍ଗଲୀ ହାତୀଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଛନ୍ତି କାଡାମାହାବାସୀ।

ଅନ୍ୟପକ୍ଷରେ କାଡାମାହାର ଏହି କ୍ଷତିଗ୍ରସ୍ତ ପରିବାର କ୍ଷତିପୂରଣ ମାଗୁଥିବା ବେଳେ ଏମାନଙ୍କ ପାଖରେ ନିଜ ଘର ଜମିର ସ୍ଥାୟୀ ପଟ୍ଟା ନାହିଁ ଯେଉଁ କାରଣରୁ ଏହି ପରିବାର କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇ ନିଜ ଭାଗ୍ୟକୁ ଆଦରି ପଡିରହିଛନ୍ତି। ତିନି ଦିନରେ ହାତୀପଲଙ୍କୁ ବିଭିନ୍ନ ଗ୍ରାମରେ ଲୋକ ଏକତ୍ରିତ ହୋଇ ଗହଳି କରି ହୋହାଲ୍ଲା କରି ନିଜ ଗାଁରୁ ହାତୀପଲଙ୍କୁ ଘଉଡାଇବା ଫଳରେ ହାତୀପଲ ଏ ଗାଁରୁ ସେ ଗାଁ ଘୁରି ବୁଲୁଛନ୍ତି। ବାଟବଣା ହୋଇ ଏଣେତେଣେ ବୁଲିବୁଲି ବ୍ୟାପକ କ୍ଷତି କରିବାରେ ଲାଗିଛନ୍ତି।ସ୍ଥାନୀୟ ଅଞ୍ଚଳର ଜଙ୍ଗଲମାନଙ୍କରେ ବର୍ତ୍ତମାନ ପ୍ରଚୁର ପରିମାଣର ପାଚିଲା ଆମ୍ବ ପଣସ ରହିଥିବା ସହ ପାଣି ସୁବିଧା ରହିଛି ଯାହାଫଳରେ ଖାଇବା ନିମନ୍ତେ ଖାଦ୍ୟ ଏବଂ ପାନୀୟ ସୁବିଧା ଦେଖି ଗଞ୍ଜାମ ଜିଲ୍ଲାର ଘୁମୁସର ବନଖଣ୍ଡକୁ ଫେରିବାର ନାଁ ଧରୁନାହାନ୍ତି। କିଛିଦିନ ଜଙ୍ଗଲ ଭିତରେ ରହିବା ପରେ ଗୁରୁବାର ହାତୀପଲ ଘୁ.ଉଦୟଗିରି ସହର ତଳି ଏକ ନଂ ୱାର୍ଡର ଦୁଗୁଡି, ପଦାସହି ଏବଂ ପିଡ଼ିକାମାହାରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ କଦଳୀ ଗଛ ସବୁ ନଷ୍ଟ କରିଦେଇଥିବା ବେଳେ ପୋଖରୀରେ ପାଣି ପିଇ ଗାଧୋଇବା ଦେଖୁବାକୁ ମିଳିଛି। ସେହିଭଳି କଳିଙ୍ଗା ଘୁ.ଉଦୟଗିରି ମୁଖ୍ୟ ସଡ଼କ ର ଘୁ.ଉଦୟଗିରି ସହର ଶେଷରେ ଥିବା ନନ୍ଦଗିରି ପାଖ ସୁରାଦେଇ ପାହାଡ଼ରେ ବର୍ତ୍ତମାନ ହାତୀପଲ ଥିବା ଖବର ମିଳିଛି। ଗତମାସେ ତଳେ ପ୍ରଥମେ ୧୮ଟିକିଆ ହାତୀପଲ କୁରୁମିଙ୍ଗିଆ ଅଞ୍ଚଳକୁ ଆସି ଫସଲ ନଷ୍ଟ କରିଥିବା ବେଳେ କିଛିଦିନ ପରେ ଉତ୍ତର ଘୁମୁସର ବନଖଣ୍ଡକୁ ଫେରିଯାଇଥିଲେ ହେଲେ ପୁଣି ନିଜ ସାଙ୍ଗରେ ଆଉ ସାତଟି ହାତୀ ପଳେଇ ଆସିଛନ୍ତି ମୋଟ ୨୫ଗୋଟି ହାତୀପଲ ରହିଥିବା ସେଥିମଧ୍ୟରୁ ଦନ୍ତା ହାତୀ ୬ଗୋଟି, ମାଈ ହାତୀ ୧୩ଗୋଟି ଏବଂ ପିଲା ହାତୀ୬ଗୋଟି ରହିଥିବା ସୂଚନା ମିଳିଛି।

# ଗୁଣ୍ଡାପୁଟରେ ବ୍ୟାପିଲା ଡାଇରିଆ: ଅଯୋଧ୍ୟାରୁ ଫେରିଥିଲେ ଆକ୍ରାନ୍ତ



କୋରାପୁଟ/ପଟାଙ୍ଗି, ୧୪/୬ (ନି.ପ୍ର): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକରେ ବ୍ୟାପିଲା ଡାଇରିଆ। କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଗୁଣ୍ଡାପୁଟ ଗାଁର ୧୧ଜଣ ଗୋଟିଏ ଦିନରେ ଆକ୍ରାନ୍ତ ହୋଇଛନ୍ତି।

ତୀର୍ଥଯାତ୍ରାରୁ ଫେରିବା ପରେ ସମସ୍ତେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଖବର ପାଇ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚିଛି। ପରିସ୍ଥିତି ଅନୁଧ୍ୟାନ କରିବା ପରେ ଗାଁ ପରିବେଶ ପରିଷ୍କାର ରଖିବାକୁ ଗୁରୁତ୍ୱ ଦେଇଛନ୍ତି। ଡାଇରିଆ ବ୍ୟାପିବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନି। ଗୁଣ୍ଡାପୁଟ ଗାଁର ୮ ପରିବାରର ୨୮ ସଦସ୍ୟ ଚଳିତମାସ ୧ତାରିଖରେ ଅଯୋଧ୍ୟା ବୁଲିବା ପାଇଁ ଯାଇଥିଲେ। ଦର୍ଶନ କରି ଆଜି ସକାଳେ ସମସ୍ତେ ଗାଁରେ ପହଞ୍ଚିଥିଲେ। କିଛି ଘଣ୍ଟା ପରେ ୧୧ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଥିଲା।

ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବା କିଛି ଆକ୍ରାନ୍ତଙ୍କୁ ତୁରନ୍ତ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅନ୍ୟମାନଙ୍କର ଚିକିତ୍ସା ଗାଁରେ ହିଁ କରିଥିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍। ଆକ୍ରାନ୍ତମାନେ ପାଖାପାଖି ଦୁଇ ସପ୍ତାହ ଧରି ବାହାରେ ରହିଥିଲେ। ପାଣିପାଗରେ ହୋଇଥିବା ପରିବର୍ତ୍ତନ ସହ ବାହାର ଖାଦ୍ୟ ଏବଂ ପାନୀୟ ଯୋଗୁ ଏମାନେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ସେହିପରି ତିନି ଦିନ ତଳେ ସୁବାଇ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ଗୁଡ଼ା ଗାଁରେ ଝାଡ଼ାବାନ୍ତି ବ୍ୟାପିଥିଲା। ଗୁଣ୍ଡାପୁଟ ଗାଁ ଠାରୁ ମାତ୍ର କିଛି କିଲୋମିଟର ଦୂରରେ ରହିଛି ଗୌଡ଼ଗୁଡ଼ା ଗାଁ। ଏହି କାରଣରୁ ଗ୍ରାମବାସୀ ବ୍ୟବହାର କରୁଥିବା ପାଣି ଦୂଷିତ ହୋଇଥିବା ସନ୍ଦେହ କରାଯାଉଛି।

ବର୍ତ୍ତମାନ ପରିସ୍ଥିତି କିଭଳି ନିୟନ୍ତ୍ରଣାଧୀନ ରହିବ ତାହାକୁ ପ୍ରାଥମିକତା ଦେଉଛି ସ୍ୱାସ୍ଥ୍ୟ ଟିମ୍। ଡାଇରିଆ ବ୍ୟାପିବାର କାରଣ ଖୋଜାଯିବ ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ତେବେ ଚିନ୍ତାର ବିଷୟ ହେଲା ବର୍ଷା ଦିନ ଆରମ୍ଭ ହେବା ପୂର୍ବରୁ କୋରାପୁଟ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଛି। ବର୍ଷା ବଢ଼ିଲେ ସ୍ଥିତି ଅଧିକ ଗମ୍ଭୀର ହେବାର ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନେବାକୁ ଦାବି ହୋଇଛି।

## କିଚକେଶ୍ୱରୀ ମନ୍ଦିରରେ ବଜ୍ରପାତ: ଖସିପଡ଼ିଲା କଳସ ଓ ତ୍ରିଶୂଳ

ଶୁକ୍ଳି, ୧୪/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିର ଉପରେ ବଜ୍ରପାତ ଯୋଗୁଁ ଖସିପଡ଼ିଛି କଳସ ଓ ତ୍ରିଶୂଳ। ସୂଚନା ଅନୁଯାୟୀ; ଆଜି ସଂଧ୍ୟାରେ ଶୁକ୍ଳି ବ୍ଲକ୍ ଅଞ୍ଚଳରେ ବର୍ଷା ହେବାସହ ଘଡ଼ଘଡ଼ି ମାରିଥିଲା। ଏତିକିବେଳେ ଖିଚିଂସ୍ଥିତ କିଚକେଶ୍ୱରୀ ମନ୍ଦିର ଉପରେ ବଜ୍ରପାତ ହୋଇଥିଲା। ଫଳରେ ମନ୍ଦିର ଦଧିନଉତିରେ ଲାଗିଥିବା କଳସ, ପତାକା ଓ ତ୍ରିଶୂଳ ଖସିପଡ଼ିଥିଲା। ଏହାସହିତ ମନ୍ଦିର ଭିତରେ ଥିବା ଇନ୍‌ଭର୍ଟର ବ୍ୟାଟେରି ମଧ୍ୟ ଫାଟି ଯାଇଥିଲା। ତେବେ ଏହି ଘଟଣାରେ କାହାର କିଛି କ୍ଷୟକ୍ଷତି ହୋଇନି। ମନ୍ଦିର ପୂଜକ ଅଜୟ ସାହୁଙ୍କ କହିବା ଅନୁସାରେ; ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅବହେଳା ଯୋଗୁଁ ପୂର୍ବରୁ ୩ ଥର ଏଭଳି ଅଘଟଣ ଘଟିଛି। କଳା ମୁଗୁନୀ ପଥରରେ ତିଆରି ଐତିହାସିକ କିଚକେଶ୍ୱରୀ ମନ୍ଦିରରେ ଏଯାଏ ଇଲେକ୍ଟ୍ରିକ୍ ଆର୍ଥିଂ ବ୍ୟବସ୍ଥା ହୋଇନି। ସୂଚନାଯୋଗ୍ୟ; ନିର୍ବାଚନ ଜିତିବା ପରେ ଗତ ୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ କିଚକେଶ୍ୱରୀ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ।

# ନାହାନ୍ତି ସ୍ୱାସ୍ଥ୍ୟ ଅଧିକାରୀ: ଫାଇଲ୍ ଚାଷ ପାଇଁ ଜଣେ ଡାକ୍ତରଙ୍କୁ ମିଳିଛି ଅତିରିକ୍ତ ଦାୟିତ୍ୱ



ଜୟପୁର, ୧୪/୬ (ନି.ପ୍ର): ଗତ ୧୨ବର୍ଷ ହେବ ଜୟପୁର ପୌରପାଳିକାରେ ନାହାନ୍ତି ନିୟମିତ ସ୍ୱାସ୍ଥ୍ୟ ଅଧିକାରୀ। ଫାଇଲ ଗୁଡିକରେ ଦସ୍ତଖତ ପାଇଁ ଗତ ୮ ବର୍ଷ ହେବ ଜଣେ ଡାକ୍ତରଙ୍କୁ ଦିଆଯାଇଛି ଅତିରିକ୍ତ ଦାୟିତ୍ୱ। ସହରର ପରିମଳ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା ପାଇଁ ବେସରକାରୀ ସଂସ୍ଥାକୁ ସଫେଇ ଦାୟିତ୍ୱ ଦିଆଯାଇଛି। ସ୍ଥାୟୀ ସ୍ୱାସ୍ଥ୍ୟ ଅଧିକାରୀ ନଥିବାରୁ ସଠିକ ଭାବେ ତଦାରଖ ହୋଇ ପାରୁନଥିବାରୁ ସହରରେ କୁଢ଼ କୁଢ଼ ଅବର୍ଜନା ଜମା ହୋଇ ରହୁଥିବା ଅଭିଯୋଗ ହୋଇଛି।

ଜୟପୁର ପୌରପାଳିକାରେ ୨୮ଟି ୱାର୍ଡ, ୪୦ଟି ବସ୍ତି ଓ୨୦୦ରୁ ଉର୍ଦ୍ଧ୍ୱ ଗଳି ରହିଛି। ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ତା ସାଙ୍ଗକୁ ନୂଆ ନୂଆ କଲୋନୀ ଓ ନୂଆ ଘରବି ବୃଦ୍ଧି ପାଇବାରେ ଲାଗିଛି। ଏହାସାଙ୍ଗକୁ ଶହ ଶହ ଉଠା ଦୋକାନ, ହୋଟେଲ, ଜଳଖିଆ ଦୋକାନ, ସହରରେ ଶତାଧିକ ମାଛ, ଛେଳି ଓ କୁକୁଡା ମାଂସର ଦୋକାନ ସଂଖ୍ୟାରେ ବି ବୃଦ୍ଧି ପାଇଛି। ବିଦ୍ୟାଧର ସିଂ ଦୈନିକ ବଜାର, ଦ୍ୱିତୀୟ ଦୈନିକ ବଜାର ସହ ଏବେ ମୁଖ୍ୟରାସ୍ତା ସହ ଓଏସଆରଟିସି ଗ୍ୟାରେଜ ପାର୍ଶ୍ୱରେ ବି ପନି ପରିବା ବଜାର ଆରମ୍ଭ ହୋଇଛି। ଏତେ ବଡ ସହରର ପରିମଳ, ପରିଚ୍ଛନ୍ନତା, ସଫେଇ, ସ୍ୱେରେଜ ବ୍ୟବସ୍ଥା ସହ ଉପରୋକ୍ତ ଦୋକାନ, ହୋଟେଲ ଓ ଅମିଷ ବଜାର, ପନିପରିବା ବଜାରର ସଂପୂର୍ଣ୍ଣ ଯାଂଚ ଓ ତଦାରଖର ଦାୟିତ୍ୱ ପୌର ସ୍ୱାସ୍ଥ୍ୟ ଅଧିକାରୀଙ୍କର। ୨୦୧୨ମସିହାରେ ଡ.କେ.କେ ସରକାରଙ୍କ ବଦଳି ପରେ ଆଉ ନିୟମିତ ପୌରସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସରକାର ନିଯୁକ୍ତି ଦେଇ ନାହାନ୍ତି। ଡ.ସରକାରଙ୍କ ବଦଳି ପରେ ଜୟପୁର ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଡ.ଗୋପାଳ ନାୟକ ଭାରପ୍ରାପ୍ତ ଦାୟିତ୍ୱରେ ଡିସେମ୍ବର ୨୦୧୨ ମେ ୩ରୁ ୨୦୧୬ଜାନୁଆରୀ ୨ତାରିଖ ପର୍ଯ୍ୟନ୍ତ ରହିଥିଲେ। ଏହା ପରେ ଡ .ଅରୁଣ ପାଢ଼ୀ ଜିଲ୍ଲାସ୍ତରରେ ବିଭିନ୍ନ ପଦବୀରେ ରହିବା ସହ ଭାରପ୍ରାପ୍ତ ଭାବେ ଦାୟିତ୍ୱରେ ରହି ଆସିଛନ୍ତି। ତାଙ୍କ ବଦଳି ବାହାରକୁ ହେଲେ ଏହି ପଦବୀରେ ଜଣେ ଭରାପ୍ରାପ୍ତ ଡାକ୍ତରଙ୍କୁ ଦିଆଯାଉଛି। ପୁଣି ଜିଲ୍ଲାକୁ ଫେରି ଆସିଲେ ସେ ଏହି ପଦବୀରେ ରହି ଆସୁଥିଲେ। ଏହି ସ୍ଥିତିରେ ଗତ ୮ବର୍ଷ ହେବ ଏହି ପଦବୀରେ କେହି ସ୍ଥାୟୀ ଅଧିକାରୀ ନାହାନ୍ତି। ଗତ ଫେବୃଆରୀରେ ଡା.ଅରୁଣ ପାଢ଼ୀ ଅବସରଗ୍ରହଣ ପରେ ଉକ୍ତ ପଦବୀକୁ ପୁଣି ଅତିରିକ୍ତ ଭାବେ ଡାକ୍ତର ଐଶରୀୟ ପୃଷ୍ଟିଙ୍କୁ ଦାୟିତ୍ୱ ଦିଆଯାଇଛି। ଡାକ୍ତର ପୃଷ୍ଟି ଜୟପୁରସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ରହିଛନ୍ତି। ଅନ୍ୟପକ୍ଷରେ ଏବେ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ତାଙ୍କ ଦସ୍ତଖତର ଡିଜିଟାଇଜେସନ୍ ହୋଇଥିବାରୁ ଦସ୍ତଖତ ଆବଶ୍ୟକତା ପଡୁ ନଥିବା ସୂଚନା ମିଳିଛି। ଯେ ହେତୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କ୍ୟାନସର ୱାର୍ଡରେ ଡ.ପୃଷ୍ଟି କାମ କରିବା ସହ କମ୍ ସଂଖ୍ୟକ ଡାକ୍ତରଥିବାରୁ ବର୍ହିଃବିଭାଗରେ ବସି ଡ୍ୟୁଟି ବି କରୁଛନ୍ତି। ଏହି ସ୍ଥିତିରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସିଟ୍ ସବୁ ସମୟରେ ପାଙ୍କା ପଡୁଥିବା ଦେଖିବାକୁ ମିଳିଛି। ଜୟପୁର ପରି ଗୁରୁତ୍ୱପୂର୍ଣ୍ଣ ତଥା ପ୍ରମୁଖ ସହରରେ ସ୍ଥାୟୀ ତଥା ନିୟମିତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିଯୁକ୍ତି ଦେବାକୁ ଦାବି ହୋଇଛି।

ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ଶନିବାର, ୧୫ ଜୁନ୍, ୨୦୨୪

# ସମର୍ପିତ ହେଲେ ସଫଳତା ଆସେ ! ଦିବ୍ୟାନୁଭୂତି !

ପ୍ରଦୋଷ କୁମାର ଦାସ
ସ୍ତମ୍ଭକାର, ନାଚୁଣୀ ଖୋର୍ଦ୍ଧା: ୭୫୨୦୩୪
(ମୋ) ୬୩୭୦୪୯୫୯୪୪)

ଉତ୍ସର୍ଗୀକୃତ ସେବକ ପାଇଁ ପ୍ରତିମୂହୁର୍ତ୍ତ ଦିବ୍ୟାନୁଭୁତି ଆସିଥାଏ ବୋଲି ଗୁଣୀ ଜନ ମତ ରଖିଥାନ୍ତି। ଆଗ୍ରହୀ ଓ ସହଯୋଗୀ ମନୋବୃତ୍ତିର ବ୍ୟକ୍ତି ସହସା ସବୁ କାମରେ ପାରଦର୍ଶୀତା ଲାଭ କରିଥାନ୍ତି। ସମର୍ପିତ ବ୍ୟକ୍ତି କୁ ସମୟ ଆପେ ସାଥୀ ହୋଇ ଅଜ୍ଞତା ଏଠାରେ ହାର ମାନିଯାଏ।

ଏପରି କଥାର ଦିବ୍ୟ ଅନୁଭୁତି ନିକଟରେ ଏହି ଲେଖକର ଜୀବନକୁ ସାର୍ଥକ କରିଥିବାରୁ ଏହାର ଏଠାରେ ଅବତାରଣା ନିହାତି ପ୍ରଣିଧାନ ଯୋଗ୍ୟ ଅଟେ।

ସାଧାରଣତଃ ପ୍ରତିବର୍ଷ ଷଷ୍ଠୀ/ ସପ୍ତମୀ ତିଥି ରୁ ବିଭିନ୍ନ ପୂଜା ମଣ୍ଡପରେ ସୁସଜ୍ଜିତ ମେଢ ସହ ମାଁ ଙ୍କର ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ହୋଇ ଆନୁଷ୍ଠାନିକ ଶାରଦୀୟ ପୂଜା ଆରମ୍ଭ ହୋଇଥାଏ। ମାଁ କରୁଣାମୟୀଙ୍କୁ ଆବାହନ ପୂର୍ବକ ସେହି ଦିନଠାରୁ ଦଶମୀ ତିଥି ଯାଏଁ ବିଧିବିଧାନ ସହ ପୂଜା ଅର୍ଚ୍ଚନା କରାଯାଇ ଦଶହରା ଉତ୍ସବ ପାଳନ ହୋଇଥାଏ। ଏହାକୁ ଲକ୍ଷ୍ୟ କରି ଆୟୋଜକ/ କାର୍ଯ୍ୟଗ୍ରାହୀ ଏହା ପୂର୍ବରୁ ସଠିକ୍ ସମୟରେ ମାଟି ଅନୁକୂଳ କରାଇ ମୂର୍ତ୍ତିକାର ସହଯୋଗ ରେ ମାଁ ଙ୍କର ମହିଷାମର୍ଦ୍ଦିନୀ ଦଶଭୁଜା ଦେବୀ ଦୁର୍ଗାଙ୍କ ମୂର୍ତ୍ତି ସମେତ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କର ମୂର୍ତ୍ତି ଓ ବାହନ ସମେତ ତ୍ରିଶୂଳ ହତ ମହିଷାସୁରର ମୂର୍ତ୍ତି ନିର୍ମାଣ କରାଇଥାନ୍ତି।

ଏହି ପରିପ୍ରେକ୍ଷୀରେ ଯଦି ସମୟାନୁଯାୟୀ ମୂର୍ତ୍ତି ନିର୍ମାଣ ନସରିଲା, ତେବେ କଥା ସରିଲା। ହେଲେ ମାଁ ଙ୍କର କରୁଣା ହେଲେ ତଥା ଶ୍ରଦ୍ଧାଳୁ ଙ୍କ ସମର୍ପଣ ରେ ସବୁ ଅସମ୍ଭବ ସମ୍ଭବ ହୋଇଥାଏ। ତାର ଜ୍ୱଳନ୍ତ ଉଦାହରଣ ନିକଟରେ ଏହି ଲେଖକର ଜୀବନରେ ଘଟିଯାଇଛି।

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ବ୍ଲକର ହରିପୁର ଶାସନ ରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଆଜକୁ ବିଗତ ୪୫ ହେଲା ମାଁ ଙ୍କର ଦୁର୍ଗା ପୂଜା ଉତ୍ସବ ପାଳନ ହୋଇଆସୁଅଛି । ସୂଚନାଯୋଗ୍ୟ, ଏହି ଗ୍ରାମର ସ୍ୱର୍ଗତ ସୋମନାଥ ବାରିକ ନାମକ ଜନୈକ ଧର୍ମପରାୟଣ ବ୍ୟକ୍ତି ଗତ ୪୫ ବର୍ଷ ତଳେ ଏହି ପୂଜା କରିବାକୁ ସ୍ୱପ୍ନାଦେଶ ପାଇଥିଲେ। ଶ୍ରୀ ବାରିକ ବହୁ ଘାତ ପ୍ରତିଘାତ ମଧ୍ୟରେ ବିନା କାହାର ଆର୍ଥିକ ସହଯୋଗ ତଥା ବିନା କୌଣସି ଚାନ୍ଦାଭେଦାରେ ନିଜସ୍ୱ ପ୍ରୟାସରେ ନିଜ ଗ୍ରାମ ରେ ସେହି ଭଳି ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଇ ପୂଜା ମଣ୍ଡପରେ ସ୍ଥାପନା ସହ ଦେବୀ ମାଁ ଦୁର୍ଗା ଙ୍କର ପ୍ରତି ବର୍ଷ ସପ୍ତମୀ ତିଥି ରୁ ପୂଜା ଅର୍ଚ୍ଚନା କରି ଆସୁଥିଲେ। ବାପାଙ୍କ ଆଦର୍ଶ କୁ ପାଥେୟ କରି ତାଙ୍କର ଦୁଇ ପୁଅ( ପ୍ରଭାସ ଓ ସୁବାସ) ସେହି ଭଳି ନିଜସ୍ୱ ପ୍ରୟାସରେ ଏହି ପୂଜା କୁ ଅଦ୍ୟାବଧି ଆଗେଇ ନେଇଆସୁଛନ୍ତି। ଏଥିରେ ତାଙ୍କର ବିବାହିତା ଭଉଣୀମାନେ ପୂଜା ସମୟରେ ବାପଘରକୁ ଆସି ପୂଜା ଦିନରେ ସହଯୋଗ ର ହାତ ବଢ଼ାଇ ଏହି ଧାର୍ମିକ କାର୍ଯ୍ୟ ରେ ପ୍ରେରଣା ପ୍ରଦାନ କରିଥାନ୍ତି।

ପ୍ରଥମେ କିଛି ବର୍ଷ ଏହି ଗ୍ରାମର ଜନୈକ ପଠାଣି ବଳବନ୍ତରାୟ ନାମକ ଜଣେ ଜଣାଶୁଣା ଶିକ୍ଷକ ଓ ମୂର୍ତ୍ତିକାର ମାଙ୍କର ମୂର୍ତ୍ତି ନିର୍ମାଣ କରିଆସୁଥିବା ବେଳେ ତାଙ୍କର ଅନ୍ୟତମ ସହଯୋଗୀ ଏହି ଗାଁ ର ଅଖିଳ କୁମାର ପଲାଇ ନାମକ ଉତ୍ସାହୀ ମୂର୍ତ୍ତିକାର ଏବେ ପ୍ରାୟ ୨୦ ବର୍ଷ ରୁ ଉର୍ଦ୍ଧ୍ୱ ବର୍ଷ ଧରି ଏହି ମୂର୍ତ୍ତି ନିର୍ମାଣ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି।

ଅଖିଳ ପେଶାରେ ସାମ୍ବାଦିକତା ବୃତ୍ତି ସହ ସମ୍ପୃକ୍ତ ରହିଥିବାରୁ ତାଙ୍କ ସହ ଏହି ଲେଖକର ପୂର୍ବରୁ ପରିଚୟ ରହିଥିଲା। ସେ କିପରି ମୂର୍ତ୍ତି ନିର୍ମାଣ କରୁଛନ୍ତି ବୋଲି ଆଗ୍ରହ ବଶତଃ ଚଳିତ ବର୍ଷ ମା'ଙ୍କ ର ମୂର୍ତ୍ତି ନିର୍ମାଣ ଦେଖିବାକୁ ପ୍ରାରମ୍ଭ ରୁ ମୁଁ ତାଙ୍କ ସହ ଯୋଗାଯୋଗ କରି ପ୍ରତି ସନ୍ଧ୍ୟାରେ ମୋ ଘର ଠାରୁ ୩ କିମି ଦୂର ସେହି ବାରିକ ପରିବାର ଙ୍କ ଦାଣ୍ଡ ପିଣ୍ଡାରେ ଆସି ପହଞ୍ଚି ଯାଇଥାଏ। ମୋ ଭଳି ଜଣେ ଅକିଞ୍ଚନ ଦର୍ଶକର କିଛି କ୍ଷଣର ଉପସ୍ଥିତିକୁ କାର୍ଯ୍ୟଗ୍ରାହୀ ବାରିକ୍ ପରିବାରଙ୍କୁ କ୍ରମେ ସ୍ନେହାସିକ୍ତ କରାଇ ଆମର ପାରସ୍ପରିକ ସମ୍ପର୍କକୁ ଅଳ୍ପ ଦିନରେ ନିବିଡ଼ କରିଦେଇଥିଲା।

ସବୁ ଠାରୁ ଉଲ୍ଲେଖଯୋଗ୍ୟ, କାର୍ଯ୍ୟବ୍ୟସ୍ତତା ନେଇ ଦିନଟିଏ ଯାଇପାରିନଥିଲି। ହେଲେ ପରଦିନ ସନ୍ଧ୍ୟାରେ ମୂର୍ତ୍ତି ନିର୍ମାଣ ଦେଖିବାକୁ ଯାଇଥାଏ। ଦେଖିଲି, ଆଶ୍ଚର୍ଯ୍ୟ ଚକିତ ହେଲି ଯେ, ରାତି ପାହିଲେ ଷଷ୍ଠୀ ତିଥି ସପ୍ତମୀ ଭୋଗ ହେଉଛି। ଏଯାଏଁ ମୂର୍ତ୍ତି ନିର୍ମାଣ ରେ ଆହୁରି ୨ ଦିନର କାମ ବାକି ରହିଯାଇଛି। ମୂର୍ତ୍ତିକାର ଅଖିଳଙ୍କ ଅସହାୟତା କୁ ନିରୀକ୍ଷଣ କରୁଥିଲି। ମେଢ ସାଜସଜ୍ଜା ଦୂରେ ଥାଉ, ମାଁ ଙ୍କର ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ , ମହିଷାସୁର ସମେତ ସବୁ ମୂର୍ତ୍ତିରେ ରଙ୍ଗ ଓ କେଶ ବିନ୍ୟାସ, ମୁକୁଟ,ଅଳଙ୍କାରାଦି, ବେଶ ପୋଷାକ, ଚେହେରା ପରିପାଟି ତଥା ଆଙ୍ଗିକ ସାଜସଜ୍ଜାର ପରିସ୍ଫୁଟନ ଏଯାବତ୍ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ମୂର୍ତ୍ତି ନିର୍ମାଣ ସ୍ଥଳରେ ବସିଥିବା କାର୍ଯ୍ୟଗ୍ରାହୀ ପରିବାରର ଦୁଇ ପୁଅ, ବୟୋବୃଦ୍ଧା ମାଆ, ଦୁଇ ବାହାଝିଅ ତଥା ବଡ଼ ଝିଅ ଙ୍କର ନବ ବିବାହିତା ବୋହୂ ବ୍ୟସ୍ତ ବିବ୍ରତ ଜଣାପଡୁଥିଲେ। ସମସ୍ତ ଙ୍କୁ ଚୁପ୍ ଚୁପ୍ ଦେଖିବାପରେ ମୋତେ ମଧ ବ୍ୟସ୍ତ ଲାଗିଥିଲା।

ହେଲେ କାହିଁକି କେଜାଣି , ମୋ ଭିତରେ ଏହି ଅସମ୍ପୂର୍ଣ୍ଣ ମୂର୍ତ୍ତି ନିର୍ମାଣ ରାତିକ ମଧ୍ୟରେ ନିଶ୍ଚୟ ସରିବା ନେଇ ଆତ୍ମ ବିଶ୍ୱାସ ଜାଗରଣ ସୃଷ୍ଟିର କମ୍ପନ ସୃଷ୍ଟି କରୁଥିଲା। ଯନ୍ତ୍ରବତ୍ ଭାବରେ ମୋ ସାଙ୍ଗରେ ଯାଇ ଉପସ୍ଥିତ ଥିବା ରଙ୍ଗ ଓ ତୁଳୀ କାମ ଜାଣିଥିବା ଅନିରୁଦ୍ଧ ମହାରଣାଙ୍କୁ ଏଥିରେ ସହଯୋଗ ପାଇଁ ଅନୁରୋଧ କରିବା ପରେ ସେ ଏଥିରେ ନିୟୋଜିତ ହେଲେ। ଏହାର କିଛି ସମୟ ପରେ ମତେ ଲାଗିଲା ମୁଁ କାହିଁକି ଏହି କାର୍ଯ୍ୟ ରେ ନିୟୋଜିତ ନହେବି !? ଘରକୁ ନଫେରି ସାରା ରାତି ମାଁ ଙ୍କର ମୂର୍ତ୍ତି ନିର୍ମାଣ ସେବାରେ ନିଜକୁ ଜଣେ ସେବକ ଭାବରେ ଆଜି ରାତିକି ଉତ୍ସର୍ଗ କରିବାକୁ ଦୃଢ଼ ନିଶ୍ଚୟ କଲି।

ମାଁ ଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇ ସମର୍ପିତ ହୃଦୟରେ ରଙ୍ଗ ତୁଳୀ ଧରି ପ୍ରଥମେ ମାଁ ଙ୍କର ପାଦପଦ୍ମରେ ଅଳତା ଲଗାଇଲି। ଦଶ ଭୁଜାର ଆଙ୍ଗୁଠି ମାନଙ୍କରେ କୁଙ୍କୁମ ଲଗାଇ ଅଳଙ୍କାରାଦିରେ ସଜାଇଲି। ମୂର୍ତ୍ତିକାର କାର୍ଯ୍ୟରେ ମତେ ଲାଗୁଥିଲା ମୋ ମାଁ ଦୁର୍ଗା ମତେ ବାଟ ଦେଖେଇ ଚାଲିଛନ୍ତି। ମୋ ମନ ଆତ୍ମା ହୃଦୟ ବିଗଳିତ ହୋଇଯାଉଥିଲା। ପରମ ପବିତ୍ର ଭାବନା ରେ ମାଁ ଙ୍କର ଅଙ୍ଗ ସଜାଇଲାବେଳେ ମୋ ଆତ୍ମା ପୁଲକିତ ହୋଇଯାଉଥିଲା। ଏହି ସମୟରେ ଆସି ଉପସ୍ଥିତ ଥିବା ସ୍ଥାନୀୟ ଅନ୍ୟ ଦୁଇ ସହଯୋଗୀ ଶିଳ୍ପୀ କଳାକାର ( ଚନ୍ଦ୍ରକାନ୍ତ ବେହେରା ଓ

ଗୌରାଙ୍ଗ ମହାରଣା ମଧ ରଙ୍ଗ ଓ ମୂର୍ତ୍ତି ସାଜସଜ୍ଜା ରେ ଆପେ ନିୟୋଜିତ ହୋଇଗଲେ। ଯୁଦ୍ଧ କାଳୀନ ଭିତ୍ତିରେ ମାଁ ଙ୍କର ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା ରାତିତମାମ ଚାଲିଲା। ମଝିରେ ମଝିରେ କାର୍ଯ୍ୟଗ୍ରାହୀ ପରିବାରର ମା ବୋହୂ ,ପିଲାମାନେ ଚାହା ଆଣି ପହଞ୍ଚାଉଥିଲେ। କାଉ କା 'କା ' ରାବିଲା। ମାଁ ଙ୍କର ସେବାରେ ଅପଲକ ନୟନରେ ବିନିଦ୍ର ରଜନୀ ବିତିଲା। ରାତି ପାହିଲା ବେଳକୁ କାମରେ ନିୟୋଜିତ ଆମେ ଉଭୟ ମୂର୍ତ୍ତିକାର ଓ ଏହି ଅକିଞ୍ଚନ ସେବକ ମୂର୍ତ୍ତି ନିର୍ମାଣ ସେବାରେ ରହିଯାଇଥିଲୁ।ଅପରୂପା, ଅପୂର୍ବ ରୂପଲାବଣ୍ୟ ଶୋଭାରାଜୀରେ ବିମଣ୍ଡିତ ମାଁ ମହିଷାମର୍ଦ୍ଦିନୀ କରୁଣାମୟୀ ଦେବୀ ଦୁର୍ଗାଙ୍କର ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ଉପସ୍ଥିତ ସ୍ମୃତି ମନରେ ଆନନ୍ଦ ଓ ଶାନ୍ତି, ତୃପ୍ତି ଭରି ଯାଇଥିଲା। ଏହାପରେ ସଗର୍ବେ ମାଁଙ୍କୁ ନେଇ ପୂଜା ମଣ୍ଡପରେ ସ୍ଥାପନା ପରେ ବିଧିବିଧାନ ସହ ପୂଜା ଅର୍ଚ୍ଚନା ନିମନ୍ତେ ଆବଶ୍ୟକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଶାରଦୀୟ ସପ୍ତମୀ ତିଥିର ଶୁଭ ସକାଳର ଉଦିତ ସୂର୍ଯ୍ୟ ଙ୍କ ସୁବର୍ଣ୍ଣ ଅରୁଣିମା ରେ ସ୍ନିଗ୍ଧ ସ୍ନାତା ମାଁ ଙ୍କର ଅପୂର୍ବ ଆଶୀଷରୁ ତଥା କାର୍ଯ୍ୟଗ୍ରାହୀ ସପରିବାରଙ୍କ ସସ୍ନେହ ଓ ସଦିଚ୍ଛା, ମୂର୍ତ୍ତିକାରଙ୍କ ପ୍ରେରଣାରେ ନିୟୋଜିତ ଏହି ଅକିଞ୍ଚନ ସେବକଟିର ରାତିକ ମଧ୍ୟରେ ମୂର୍ତ୍ତିକାର ହେବାର ସ୍ୱପ୍ନ ଚରିତାର୍ଥ ହୋଇସାରିଥିଲା। ପରମ ପବିତ୍ର ଦିବ୍ୟ ଅନୁଭୁତି ସହ ଏହା ହୁଏତ ଆପଣାର ଆଗାମୀ ଭବିଷ୍ୟତ ପାଇଁ ମୂର୍ତ୍ତି ନିର୍ମାଣ ରେ ଅନନ୍ୟ ପ୍ରେରଣାଦାୟୀ ନହେବ କାହିଁକି ବୋଲି ମତେ ଭିତରେ ଭିତରେ କେହି ଜଣେ ଉତ୍ସାହିତ କରୁଥିଲେ। ଜୟ ମାଁ କରୁଣାମୟୀ, ସବୁ ତୁମରି ଆଶୀଷରୁ ସମ୍ଭବ । ଶେଷରେ ଏତିକି କୁହାଯାଇପାରେ,ପ୍ରତିଟି କ୍ଷେତ୍ରରେ ତଥା ପ୍ରତିଟି ଉତ୍ତମ କାର୍ଯ୍ୟ ରେ ସମର୍ପଣ ଭାବ ରହିଲେ ସୁ ଅସମ୍ଭବ ସମ୍ଭବ ହୋଇପାରିଥାଏ। ଏଥିରେ ବ୍ୟକ୍ତି ମାନସିକତାରେ ଅଜ୍ଞତା ଦୂର ହୋଇ ଆପଣା ସଠିକ୍ ପରିଶ୍ରମର ଫଳ ମିଳିବା ସହ ଆପଣା ହୃଦୟରେ ଆପେ ଦିବ୍ୟାନୁଭୁତି ଆସିଥାଏ।


# ରାମପତ୍ରୀରୁ କ୍ୟାନ୍ସର ଔଷଧ ତିଆରି କଲେ ଭାରତୀୟ ବୈଜ୍ଞାନିକ



ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ରାମପତ୍ରୀ ବୃକ୍ଷରୁ କ୍ୟାନସରର ଦୁଇ ପ୍ରକାରର ଔଷଧ ବିକଶିତ କରିଛନ୍ତି। ଏହି ଔଷଧ କ୍ୟାନସରର ଟ୍ୟୁମରକୁ ନଷ୍ଟ କରିବା ସହ ରେଡିଏସନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା କୋଷିକାକୁ ଠିକ୍ କରିପାରିବ। ରାମପତ୍ରୀ ବୃକ୍ଷ ଭାରତୀୟ ମସଲାରେ ବ୍ୟବହାର ହୋଇଥାଏ। ଦେଶର ପଶ୍ଚିମ ଉପକୂଳ କ୍ଷେତ୍ରରେ ମିଳୁଥିବା ଏହି ବୃକ୍ଷ ମିରିଷ୍ଟିକାକୀ ପ୍ରଜାତିର। ମୂଷାଙ୍କ ଉପରେ ପରୀକ୍ଷଣ ସମୟରେ ଏହି ଔଷଧ ଲିଙ୍ଗ୍ କ୍ୟାନସର ଓ ନ୍ୟୁରୋବ୍ଲାଷ୍ଟୋମା ଭଳି ଦୁର୍ଲଭ କ୍ୟାନସରରେ କୋଷିକାର ପୁନଃ ନିର୍ମାଣ ହୋଇପାରୁଥିବା ଦେଖାଯାଇଥିଲା। ବାର୍କର ବାୟୋସାଇନ୍ସ ବିଭାଗର ପ୍ରମୁଖ ଏସ୍. ଚଟ୍ଟୋପାଧ୍ୟାୟ କହିଛନ୍ତି ଦୀର୍ଘ ବର୍ଷ ଧରି ଗବେଷଣା କରିବା ପରେ 'ରେଡ଼ିଓ ମେଡ଼ିଫାୟାର' ଓ ରେଡ଼ିଓ ପ୍ରୋଟେକ୍ଟର ନାମରେ ଦୁଇଟି ଔଷଧ ବିକଶିତ କରାଯାଇଛି। ଏହି ଔଷଧ ମନୁଷ୍ୟଙ୍କ ଉପରେ ପ୍ରୟୋଗ ପାଇଁ ସରକାରଙ୍କ ଠାରୁ ଅନୁମତି ଆବେଦନ କରାଯିବା ସହ ଏହାର ପେଟେଣ୍ଟ ପାଇଁ ମଧ୍ୟ ଆବେବଦନ କରାଯାଇଛି। ଖୁବଶୀଘ୍ର ଏହାର ପେଟେଣ୍ଟ ମିଳିବାର ସମ୍ଭାବନା ରହିଛି। ଚଳିତବର୍ଷ ଜୁନରେ ମୁମ୍ବାଇ ଟାଟା ମେମୋରିଆଲ ସେଣ୍ଟାରେ 'ରେଡ଼ିଓ ମେଡ଼ିଫାୟାର' ଔଷଧର କ୍ଲିନିକାଲ ପରୀକ୍ଷଣ ଆରମ୍ଭ କରାଯିବ। ବୈଜ୍ଞାନିକ ସନ୍ତୋଷ କୁମାର ସନ୍ଦୁର କହିଛନ୍ତି ରେଡ଼ିଓ ମେଡ଼ିଫାୟାର ଔଷଧ କୌଣସି ରେଡ଼ିଏସନ ଥେରାପି ସମୟରେ ସୁସ୍ଥ କୋଷିକାକୁ ରକ୍ଷା କରିଥାଏ। କୌଣସି ପରମାଣୁ ଦୁର୍ଘଟରାର ଚାରିଘଣ୍ଟା ଭିତରେ ଯଦି ଏହି ଔଷଧ ସେବନ କରାଯାଏ ତେବେ ପ୍ରଭାବିତ ବ୍ୟକ୍ତିଙ୍କ ଜୀବନ ରକ୍ଷଧା କରାଯାଇପାରିବ।



# ମାନସିକ ସୁସ୍ଥତା



ମାନସିକ ସୁସ୍ଥତା କ'ଣ: ସ୍ୱାସ୍ଥ୍ୟ ସାଧାରଣତଃ ଶାରୀରିକ ବିଷୟ ବସ୍ତୁକୁ ହିଁ ବୁଝାଇଥାଏ। ତେଣୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଲୋକମାନେ ମୁଖ୍ୟତଃ ଶରୀର ଉପରେ ହିଁ ବେଶି ଧ୍ୟାନ ଦେଇଥାନ୍ତି। ମାତ୍ର ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ରୂପରେଖ ସହ ମଣିଷର ମାନସିକ ଓ ସାମାଜିକ ସ୍ଥିତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମାନସିକ ସୁସ୍ଥତା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଆବଶ୍ୟକ ସୂଚନାର ଅଭାବ ପରିଲକ୍ଷିତ ହୁଏ।

ଉତ୍ତମ ମାନସିକ ସ୍ୱାସ୍ଥ୍ୟ ମଣିଷର କେତେକ ବିଶେଷ ଗୁଣର ସମାହାର ଅଟେ ଯେମିତିକି (୧) ଅନ୍ୟକୁ ଭଲ ପାଇବା ଓ ଅନ୍ୟମାନଙ୍କ ଭଲ ପାଇବା ପାଇଁ ନିଜକୁ ପ୍ରସ୍ତୁତ ରଖିବା(୨) ଜୀବନରେ କୌଣସି ପରିବର୍ତ୍ତନକୁ ବିନା ଭୟରେ ସାମ୍ନା କରିବା(୩), ହାରିଯିବାର ଚିନ୍ତାରେ ସବୁବେଳେ ବ୍ୟସ୍ତ ନରହି ସବୁ କାମରେ ଉଦ୍ୟମ କରିବାର କ୍ଷମତା ରଖିବା, (୪) ନିଜର ସ୍ଥିତି, ପରିପାର୍ଶ୍ୱ ଓ ବାସ୍ତବତା ସମ୍ପର୍କରେ ଆବଶ୍ୟକ ଜ୍ଞାନ ରଖିବା(୫) ନିଜ ଭୁଲ ବୁଝିବାର ସତ୍ ସାହସ ରଖିବା(୬) ବନ୍ଧୁ ଓ ପଡ଼ୋଶୀମାନଙ୍କ ସହ ସାବଲୀଳ ସମ୍ପର୍କ ରଖିବା, (୭) ନିଜର ସିଦ୍ଧାନ୍ତ ନିଜେ ନେଇ ପାରିବାର କ୍ଷମତା ରଖିବା।

ଅନ୍ୟ ପ୍ରାଣୀଙ୍କ ତୁଳନାରେ ମଣିଷର ବଂଚି ରହିବାର ଏସବୁ ଅନୁଭୂତି ଓ ସାମର୍ଥ୍ୟ ଅତ୍ୟନ୍ତ ଆବଶ୍ୟକ। କେବଳ ଖୁସିରେ ରହିବାକୁ ମାନସିକ ସୁସ୍ଥତା କୁହାଯାଏ ନାହିଁ। ବରଂ କଠିନ ଓ ଚିନ୍ତାଜନକ ପରିସ୍ଥିତିରେ ନିଜକୁ ସମ୍ଭାଳନେଇ ପାରିବାର କ୍ଷମତା ହିଁ ମାନସିକ ସୁସ୍ଥତା ପାଇଁ କ'ଣ କରିବେ।

- ଶାରୀରିକ ପରୀଶ୍ରମ ପରେ ବିଶ୍ରାମ ନେଲାପରି ମନକୁ ମଧ୍ୟ ବିଶ୍ରାମ ଦରକାର ପଡ଼େ। ତେଣୁ ମାନସିକ ପରିଶ୍ରମ ବା ବ୍ୟସ୍ତତା ପରେ କିଛି ସମୟ ମନକୁ ଖୋଲା ଛାଡ଼ିଦେବା ଆବଶ୍ୟକ।
- ଛୁଟୀଦିନରେ ଦୈନନ୍ଦିନ ଜଞ୍ଜାଳରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖନ୍ତୁ ଏବଂ ସମ୍ଭବ ହେଲେ ପରବାର ସହିତ ବାହାରକୁ ବୁଲିବାକୁ ଯାଆନ୍ତୁ।
- ଅବସର ସମୟରେ ନିଜକୁ ଭଲ ଲାଗୁଥିବା କାମରେ ବ୍ୟସ୍ତ ରଖନ୍ତୁ।
- ଏକ ସମୟରେ ଦେଖାଯାଉଥିବା ସମସ୍ୟା ସବୁକୁ ଗୋଟିଏ ପରେ ଗୋଟିଏ କରି ସମାଧାନ କରିବାକୁ ଚେଷ୍ଟା କରନ୍ତୁ।
- ଅସୁବିଧା ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ।
- ଉପଯୁକ୍ତ ଶାରୀରିକ ବ୍ୟାୟାମ ଓ ଯୋଗ ମଧ୍ୟ କରନ୍ତୁ। କାରଣ ସୁସ୍ଥ ଶରୀରରେ ହିଁ ସୁସ୍ଥ ମନଟିଏ ରହିପାରିବ। ନିଜର ଆତ୍ମବିଶ୍ୱାସ ବି ସୁସ୍ଥ ଶରୀରଟିଏ ନିତାନ୍ତ ଜରୁରୀ।
-ପୁଷ୍ଟିକର ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ। କାରଣ ବିଭିନ୍ନ ଭିଟାମିନ ଅଭାବରେ ମାନସିକ ଅସୁସ୍ଥତା ଦେଖାଯାଇପାରେ। ଅଧିକ ଉତ୍ତେଜକ ଖାଦ୍ୟ ବା ପାନୀୟ ଏବଂ ନପିଶା ସେବନ ଦ୍ୱାରା ମାନସିକ ସନ୍ତୁଳନ ନଷ୍ଟ ହୋଇ ବିଭିନ୍ନ ପ୍ରକାରର ମାନସିକ ସମସ୍ୟା ଦେଖାଯାଇପାରେ।
- ବ୍ୟସ୍ତ ଜୀବନରେ କିଛି ସମୟ ବାହାର କରି ଆତ୍ମ ନିରୀକ୍ଷଣ ଓ ବିଶ୍ଳେଷଣ କରନ୍ତୁ। ଏହାଦ୍ୱାରା ନିଜ ମନର ଅବସ୍ଥାକୁ ଠିକ୍ ବୁଝିହେବ। ଏସବୁ ଉପାୟ ଅବଲମ୍ବନ ଦ୍ୱାରା ମନକୁ ଦୃଢ଼ ଓ ନିରୋଗ ରଖାଯାଇ ପାରିବ। ଯାହାଦ୍ୱାରା ସାମାଜିକ, ପାରିବାରିକ ଓ କାର୍ଯ୍ୟକ୍ଷେତ୍ରରେ ଯଥେଷ୍ଟ ସଫଳତା ଲାଭ କରିହେବ।

# କାହା ସହ କ'ଣ ଖାଇବେ ନାହିଁ



- ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଫଳ ଉପକାରୀ ହୋଇଥିଲେ ହେଁ ମୁଖ୍ୟ ଖାଦ୍ୟ ସହ ଖାଇବା ଅନୁଚିତ। ମୁଖ୍ୟ ଭୋଜନରେ ଅନ୍ୟୁନ ଅଧ ଘଣ୍ଟା ପୂର୍ବରୁ କିମ୍ବା ଏକ ଘଣ୍ଟା ପରେ ଫଳ ଖାଆନ୍ତୁ। ଖାଲି ପେଟରେ ଫଳ ଖାଇବା ସବୁଠୁ ଭଲ।
- ପୁଷ୍ଟିସାର ଯୁକ୍ତ ଖାଦ୍ୟ ଯଥା ମାଂସ ସହ ଶ୍ୱେତସାର ବହୁଳ ଖାଦ୍ୟ ଯଥା ଆଳୁ ଖାଆନ୍ତୁ ନାହିଁ। ଏହା ପାକକ୍ରିୟାରେ ସମସ୍ୟା କରାଏ, ବାୟୁଦୋଷ ବଢ଼ାଏ।
- ଦହି ସହ ଶାଗ ଖାଇବା ଅନୁଚିତ। ଦହିରୁ ମିଳେ କ୍ୟାଲସିଅମ ଓ ପାଳଙ୍ଗ ଜାତୀୟ ଶାଗରୁ ଅଗଜାଲିକ ଏସିଡ୍ ପାକିସ୍ଥଳୀରେ ଏହି ଦୁଇଟି ଉପାଦାନ ମିଶିବା ସ୍ୱାସ୍ଥ୍ୟ ପାଇଁ ହାନୀକାରକ। ଏହି କାରଣରୁ ଖିର ସହ ଚକଲେଟ ଖାଇବା ମଧ୍ୟ ଅନୁଚିତ।
- ଖିର ଓ ଦହି ଖିର ଓ ପିଆଜ, ମାଂସ ଓ ତରଭୁଜ ଫଳ ଓ ଦହି ଖିର ଓ ଲେମ୍ବୁ

# ଛୋଟ ଗୁଜରାତି, ଉପକାର ବଡ଼




ପାଟିର ଦୁର୍ଗନ୍ଧ :- ଗୁଜୁରାତି ମୁହଁର ଦୁର୍ଗନ୍ଧ ଦୂର କରିଥାଏ। ଏହାବ୍ୟତୀତ ଏହାକୁ ଫୁଟାଇ ଯଦି ସକାଳ ଚା' ସହିତ ପିଉଛନ୍ତି ତେବେ ପାଟିର ଦୁର୍ଗନ୍ଧ ମଧ୍ୟ ଦୂର ହୋଇଥାଏ।

ପେଟ ସମସ୍ୟା ଦୂର- ପେଟ କାଟିବା, ପେଟ ଫୁଲିବା ଏବଂ ଗ୍ୟାସ ସମସ୍ୟାକୁ ଦୂର କରିବା ପାଇଁ ଗୁଜୁରାତି ସର୍ବୋତ୍ତମ।


ରକ୍ତ ସଞ୍ଚାଳନ-ପ୍ରତ୍ୟେକ ଦିନ ଗୁଜୁରାତି ବ୍ୟବହାର କଲେ ରକ୍ତସଞ୍ଚାଳନ ଠିକ୍ ରହିଥାଏ। ଯଦ୍ୱାରା ଆପଣ ଆଜ୍‌ମା ଏବଂ ଶ୍ୱାସ ସମ୍ବନ୍ଧୀୟ ରୋଗରୁ ମୁକ୍ତି ପାଇପାରିବେ।

ଥଣ୍ଡା ସର୍ଦ୍ଦି- ଗୁଜୁରାତି ଗରମ ହୋଇଥାଏ। ଏହା ଶରୀରରେ ଜମି ରହିଥିବା ଥଣ୍ଡା ସର୍ଦ୍ଦି ଓ କଫକୁ ଦେହରୁ ବାହାର କରିବାରେ ସାହାଯ୍ୟ କରିଥାଏ।

ରକ୍ତଚାପ- ଗୁଜୁରାତିରେ ପୋଟାସିୟମ, ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମ ପରି ଖଣିଜ ପଦାର୍ଥ ଥାଏ ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।







ଶୁଭଦର୍ଶିନୀ ଦାଶ

# ଜେଜେମା'ଙ୍କ ପ୍ରବଚନ

ଶାନ୍ତି ଦେବୀ ସକାଳୁ ସକାଳୁ ଆଜି ପୁରା ଚଳଚଞ୍ଚଳ । ବାକ୍ସ ଉପରେ ପଡ଼ିଥିବା କପଡାଟିକୁ ଉଠାଇ ନେଇ ଧୂଳି ଝାଡ଼ି ବାକ୍ସକୁ ଖୋଲି ତା ଭିତରେ କିଛି ଖୋଜା ଖୋଜି କରିବାରେ ବ୍ୟସ୍ତ। ଆଜି ରବିବାର ନାତିଆ ଗୋଲୁର ବି ସ୍କୁଲ ଛୁଟି। କ'ଣ କରୁଛ କି ମା' (ଜେଜେମା') ପଚାରିଦେଇ ପହଁଞ୍ଚିଗଲା ତାଙ୍କ ପାଖରେ । ତାପରେ ଆରମ୍ଭ ହୋଇଗଲା ଜେଜେମା ଆଉ ନାତିର କଥାବାର୍ତ୍ତା..............।

ଗୋଲୁ ପ୍ରଶ୍ନର ଉତ୍ତର ଦେଇ ଜେଜେମା କହିଲେ ନାଇଁରେ, ଥଣ୍ଡା ପଡ଼ିଲାଣି ତେଣୁ ଶୀତ ବସ୍ତ୍ର ସବୁ ଖୋଲୁଛି । ଆଜି ଟିକେ ଖରଟା ଜୋରରେ ହେଉଛି ତାକୁ ଖରାରେ ପକାଇ ଆଣି ବ୍ୟବହାର କରିବା । ତୋରି ଟୋପି ଦୁଇଟି କାହିଁ ଦେଖା ଯାଉନାହିଁ ତେଣୁ ଖୋଜୁଛି । ହଁ, ନ ମିଳୁ ମୋର ତାହା ଦରକାର ନାହିଁ, ମୋତେ ସେ ଟୋପି ପିନ୍ଧିବାକୁ ଭଲ ଲାଗେନାହିଁ । ଶୀତ ଦିନଟାକୁବି ଜମା ଭଲ ଲାଗେନାହିଁ । ହେଲେ କାହିଁକି କିରେ.....? ମର୍ଡନ ଯୁଗର ନାତିଆ ସଙ୍ଗେ ସଙ୍ଗେ ଉତ୍ତରରେ କହିଦେଲା,ଦେଖ ଜେଜେମା ଏ ଟୋପି ପିନ୍ଧିଲେ ମୋ ହେୟାର ଷ୍ଟାଇଲ ବିଗିଡି ଯାଉଛି । ମୁଁ ହେଡ଼ ଫୋନ ବି ଲଗାଇ ପାରୁନି ଆଉ ଏତେ ଖରାପ ସେ ଟୋପି, ପିନ୍ଧିଦେଲେ ମୋ କାନରୁ ଧୂଆଁ ବାହାରିଲା ପରି ଲାଗୁଛି । ସତରେ ଏ ଶୀତଦିନଟା ନାଇଁ ନାଇଁ ଖାଲି ଶୀତ କାହିଁକି ବର୍ଷା, ଖରା କିଛିବି ଭଲ ନୁହେଁ । ଜେଜେମା ହସି ହସି ପଚାରିଲେ ଆରେ ଅନ୍ୟ ଦୁଇ ଋତୁରେ ତୋର ପୁଣି କ'ଣ ଅସୁବିଧା ହେଲା କିରେ ? ଦେଖ ଜେଜେମା ବର୍ଷା ହେଲେ ଯେଉଁ ଆଡେ ଯାଅ କାଦୁଅ ପାଣି, ଘରେ ବନ୍ଦ ହୋଇ ରୁହ ନାଖେଳ ନାକୁଦ । ଅଧିକ ଗରମ ହେଲେ ସ୍କୁଲଛୁଟି ହୁଏ । ହେଲେ କ'ଣ ହେବ ଯେ ଦିନରେ ଗରମ ହେଉଛି, ଲୁ ମରିବ ଇତ୍ୟାଦି ଇତ୍ୟାଦି କାରଣ ଦେଖାଇ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ପ୍ରକାରର ଲକ ଡାଉନ, ଆଉ ସନ୍ଧ୍ୟା ପରେ ଟ୍ୟୁସନ, ପାଠ, ଗରମ ରୁ ମୁକ୍ତି ପାଇଁ ଏସି, ଫ୍ୟାନ ତଳେ ବସ ଖେଳକୁଦ ବୁଲାବୁଲି ପାଇଁ ସମୟ ନିଅଣ୍ଟ ଆଉ ଅଳ୍ପ ଖେଳିଦେଲେ ଶରୀର ପୁରା ହାଲିଆ ।

ସବୁ ଶୁଣି ଜେଜେମା' କଥାଛଳ ରେ ଗୋଲୁକୁ ବୁଝାଇବାକୁ ଯାଇ ପଚାରିଲେ ଆରେ ଗୋଲୁ ଛାଡ଼ ସେକଥା ଏଇ ଶୀତ ଦିନରେ ତମ ସ୍କୁଲରେତ ଖେଳ ହେବାକଥା । ଗୋଲୁ ର ବି ମନେପଡ଼ିଗଲା ହଁ ଜେଜେମା' ଡିସେମ୍ବରମାସରେ ହେବ । ଶୀତଦିନରେ ସେଇ ଗୋଟିଏ ଭଲ କାମ ହୁଏ ଖେଳକୁଦ ଯାହା କଲେବି ଥକା ଲାଗେନି ।

ହଁ ରେ ଗୋଲୁ ପାଣିପାଗ, ଋତୁ ପରିବର୍ତ୍ତନ , ଦିନରାତି ସେସବୁତ ଆମ ହାତର କଥା ନୁହେଁ । ହଁ ଜେଜେମା ଜାଣିଛି ତାହାତ ପୃଥ୍ୱୀ ସୂର୍ଯ୍ୟଙ୍କ ଚାରିପଟେ ଘୁରୁଥିବା ହେତୁ ହୋଇଥାଏ । ହଁ, ବାପା ପ୍ରାଣି ଓ ଉଦ୍ଭିଦ ସମସ୍ତେ ବଞ୍ଚିବା ପାଇଁ ଭିନ୍ନଭିନ୍ନ ଜଳବାୟୁ ଆବଶ୍ୟକ କରିଥାନ୍ତି ତା ଛଡା ଗରମ, ଥଣ୍ଡା, ବର୍ଷା ଯାହାବି ଗୋଟିଏ ଅନେକ ଦିନ ଧରି ଲାଗି ରହିବ ତାଦ୍ୱାରା ପରିବେଶ ସନ୍ତୁଳନ ହରାଇ ବସିବ ଯଦି କେବଳ ଗ୍ରୀଷ୍ମ ଋତୁ ହେବ ତେବେ ବୃକ୍ଷ ଲାତା ସବୁ ଜଳିପୋଡି ଧ୍ୱଂସ ହୋଇଯିବ, ଜଳ ଅଭାବ, ଖାଦ୍ୟ ଅଭାବ ବିନା ଆମେମାନେବି ବଞ୍ଚିପାରିବାନାହିଁ । ଅଧିକ ବର୍ଷା ହେଲେ ବନ୍ୟା ହେବ ଓ ସବୁ ନଷ୍ଟ ହୋଇଯିବ । କେବଳ ଥଣ୍ଡା ହେଲେବି ବଞ୍ଚିବା କଷ୍ଟକର ହୋଇଯିବ । ସବୁଠୁ



ବଡ଼ କଥା ଆମ ମଣିଷ ମାନଙ୍କର ସବୁଥିରେ ଅସୁବିଧା । ଆମେ ଗରମ ହେଲେ ଥଣ୍ଡା ଖୋଜନ୍ତି, ଥଣ୍ଡା ଟିକେ ଅଧିକ ପାଇଗଲେ ଗରମ ଦରକାର କରନ୍ତି । ସବୁ ଆମ ହିସାବରେ ହେଉଥିବା ଆବଶ୍ୟକ ନହେଲେ ଆମର ଅଶାନ୍ତି । ପାଣିପାଗ ଜଳବାୟୁ ପରିବର୍ତନ ଏସବୁ ଆମ ହାତରେ ତ କିଛିନାହିଁ । ହଁ, ଆମ ହାତରେ ଅଛି ତାକୁ ଗ୍ରହଣ କରିନେବା । ଯାହାଦ୍ୱାରା କେବଳ ଆମର ହିଁ ଲାଭ । ଲାଭ କ'ଣ ଜେଜେମା ? ଶୁଣ ଯେତେବେଳେ ଆମେ କୌଣସି ପରିସ୍ଥିତିକୁ ଗ୍ରହଣ କରିନେବା ତାହା ଆଉ ଆମକୁ କଷ୍ଟ ଲାଗେନାହିଁ । ସେଥିପାଇଁ ଆବଶ୍ୟକ କାମ କରିଲେବି କଷ୍ଟ ଅନୁଭବ ହୁଏନାହିଁ । ଯେମିତ, ପିକନିକ କଥା ଶୁଣି ତୁ କାଲିଠାରୁ ତୋର ଯେତିକି କାମ ତୁ ସେ କାମ କରିବା ଆରମ୍ଭ କରିଦଦେଲୁଣି (ଖେଳିବା ପାଇଁ ଯୋଗାଡ଼, ଜଳଖିଆ ପାଇଁ ଲିଷ୍ଟ ଇତ୍ୟାଦି )ଏବେ କରନି କହିଲେ ବି ପାଠ ସାରିବା ପାରେ ଅଧିକ ସମୟ ଚାହିଁ ସେ ସବୁ କାମ କରୁଛୁ,କାହିଁକିନା ତୁ ତାକୁ ଖୁସିରେ ଗ୍ରହଣ କରିଛୁ ଆଉ ତୋର ପିକନିକ ଯିବାପାଇଁ ମଧ ଇଚ୍ଛା ଅଛି । ଏମିତ ଅନେକ କିଛି କାମ ଆମକୁ ଭଲ ନ ଲାଗିଲେ ବି ତାହାଦ୍ୱାରା ଯଦି ଆମକୁ କିଛି ଭଲଫଳ ମିଳିବ ବା ଆମେ ଚାହିଁଲେ ବି କିଛି ପରିବର୍ତ୍ତନ କରିପାରିବା ନାହିଁ ତେବେ ତାକୁ ଗ୍ରହଣ କରିନେବା ବା ମନକୁ ବୁଝାଇ ନେବାଟା ଆମର ପ୍ରଥମ କର୍ତ୍ତବ୍ୟ, ତେବେ ଯାଇ ତାକୁନେଇ ଆମକୁ କିଛି ଅସୁବିଧା କଷ୍ଟ ଲାଗିବନାହିଁ ।

ମେଡ଼ିସିନ ପିତାଲାଗିଲେବି ତତେ ତୋ ମାମା ଜବଦସ୍ତି ଖୁଆନ୍ତି ତାଦ୍ୱାରା ତୋ ପାଟିଟି ଅଳ୍ପ ସମୟ ପିତା ଲଗି ଭଲ ହୋଇଯାଏ କିନ୍ତୁ ଶରୀର ଟା ସବୁଦିନପାଇଁ ଭଲ ହୋଇଯାଏନା । ତୁ ଯଦି ବୁଝି ଯାଆନ୍ତୁ ଆଉ ନିଜେ ତାକୁ ଇଛା କରି ଖାଇଦିଅନ୍ତୁ ତୋତେ କ'ଣ ମେଡ଼ିସିନ ଖାଇବାକୁ ଆଉ କଷ୍ଟ ଲାଗନ୍ତାକି । ଠିକ କଥା କହିଲ ଜେଜେମା । ସେଥିପାଇଁ ବୋଧେ ବାପା ସବୁବେଳେ କହନ୍ତି ଆଗ୍ରହରେ ପାଠ ପଢ଼ କ୍ଷ ହଁରେ ଗୋଲୁ ତତେ ଏବେ ଘଣ୍ଟା ଘଣ୍ଟା ବସି ପାଠ ପଢିବା, ସକାଳୁ ଉଠି ସ୍କୁଲ ଯିବା ସବୁ କଷ୍ଟ ଲାଗୁଥିବ । ତୁ ଯଦି ତୋ ନିଜ ମନକୁ ବୁଝାଇ ଦେବୁ ଯେ ସେଥିରେ ତୋର ହିଁ ଲାଭ ଅଛି, ଆଜି ଯଦି ପରିଶ୍ରମ କରି ଭଲ ପାଠ ପଢ଼ିବି ତାହେଲେ କାଲି ଜ୍ଞାନ ପାଇ ଭଲ ମଣିଷଟେ ହେବି ସମାଜରେ ପ୍ରତିଷ୍ଠିତ ହୋଇ ଚଳିବି ତେବେ ତତେ ପାଠ ପଢିବା କିମ୍ବା ପଠାପାଇଁ ସମୟ ଦେବାକୁ ଜମା କଷ୍ଟ ଲାଗିବନାହିଁ । ବାପା,ମା ଓ ଗୁରୁଜନ ମନେ କହୁଥିବା ଭଲକଥା ଗେଜେଗେଜେ ପରି ନ ଲାଗି ଜୀବନମନ୍ତ ପରି ଲାଗିବ । ହଁ ଯେ ଜେଜେମା ବଡ଼ ହେଲେ ପଢ଼ିବିନି ।

ଦେଖ ଗୋଲୁ ତୁତ ପାଠରେ ପଢ଼ିଛୁ ସବୁ ଋତୁ ନିର୍ଦ୍ଦିଷ୍ଟ ସମୟରେ ପରିବର୍ତନ ହୋଇଯାଆନ୍ତି ବୟସ ବି ନିର୍ଦ୍ଧିଷ୍ଟ ସମୟରେ ବଢ଼ି ଚାଲିବ । ଶୀତରୁ ରକ୍ଷା ପାଇବାପାଇଁ ଯେମିତ ତା ଆଗରୁ ସ୍ୱିଟର, ଟୋପି ସବୁ ସଜାଡି ରଖିବାକୁ ହୁଏ ଆଉ ବର୍ଷା ଆଗରୁ ଛତା ଠିକ ସେହିପରି ଭବିଷ୍ୟତ ରେ କ'ଣ କରିବାର ଅଛି ତାକୁ ଏବେଠାରୁ ସ୍ଥିର କରିନେଇ ପ୍ରସ୍ତୁତି ଆରମ୍ଭ କରିନେଲେ ସେ ସ୍ଥାନରେ ପଂହଁଚିବାକୁ ଅତି ସହଜ ହୋଇଥାଏ । କାହିଁକିନା ସମୟ ଥାଉ ଥାଉ ସବୁ କରିବାକୁ ହୁଏ । ଏ ସମୟ କେବେ କାହାକୁ ଅପେକ୍ଷା କରେନାହିଁ।

ଗୋଲୁ ଏଥର ଜେଜେମାଙ୍କୁ କୁଣ୍ଢେଇ ପକାଇ ଆଧୁନିକ ଷ୍ଟାଇଲରେ କହିଉଠିଲା ---- ଶାନ୍ତି ଦେବୀଙ୍କ ପ୍ରବଚନ ମୋ ଆଖି ଖୋଲିଦେଇଛି ।

'ପ୍ରତ୍ୟେକ କାମ (ଯାହା ଆମର ଭଲ ପାଇଁ ଉଦିଷ୍ଟ ) ଆଗ୍ରହ ର ସହ କରିଲେ ତାହା ଆମକୁ କଷ୍ଟ ଲାଗିବ ନାହିଁ ' । ଠିକ ସମୟରେ ଠିକ କାମ ନକଲେ ତାହା କେବେ ଫଳପ୍ରଦ ହୁଏନାହିଁ। ତେଣୁ ମୁଁ ଆଜିଠାରୁ ତାହା ପାଳନ କରିବି ।


ଖୁସିର ମୂଳ ମନ୍ତ୍ର ହେଉଛି 'କର୍ତ୍ତବ୍ୟ କୁ ଗ୍ରହଣ କରିବା' ।

ଆଧୁନିକ ନାତିଆର କଥା ଶୁଣି ଜେଜେମା' ବି ନିଜ ହସକୁ ଆଉ ଅଟକାଇ ପାରିଲେନାହିଁ..........।

+ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

ରମେଶ ଚନ୍ଦ୍ର ଦାଶ

# କୁକୁର ହେଲା ଜଗୁଆଳ



ଭଲ କାମ କରୁଥିବା ପ୍ରାଣୀମାନଙ୍କୁ ଉତ୍ସାହିତ କରିବା ପାଇଁ ବାଘ ସେମାନଙ୍କୁ ପୁରସ୍କାର ଦେବା ନିମନ୍ତେ ଗୋଟିଏ ଯୋଜନା କଲା । ଏକଥା ଚାରିଆଡ଼େ ପ୍ରଚାରିତ ହେବା ପରେ ଭଲ କାମ କରୁଥିବା ପ୍ରାଣୀମାନଙ୍କ ମନରେ ଆନନ୍ଦର ସୀମା ରହିଲା ନାହିଁ । କିନ୍ତୁ କିପରି ଯୋଗ୍ୟ ପ୍ରାଣୀମାନଙ୍କୁ ଖୋଜାଯିବ ସେଥିପାଇଁ ବାଘ ଅଡୁଆରେ ପଡ଼ିଲା । ମନ୍ତ୍ରୀ ଭାଲୁ ଓ ସେନାପତି ଘୋଡ଼ାକୁ ଏ ଦାୟିତ୍ୱ ତୁଲାଇବାକୁ କହିବାରୁ ସେମାନେ ବି ରାଜି ହେଲେ ନାହିଁ । ବିଳମ୍ବ ହେବାରୁ ପୁରସ୍କାର ପାଇଁ ଆଶାୟୀ ପ୍ରାର୍ଥୀମାନେ ରାଜାଙ୍କର ଏହା ମିଥ୍ୟା ପ୍ରତିଶ୍ରୁତି ବୋଲି କହି ବୁଲିଲେ । ଦିନେ ବାଘ ବାଘୁଣୀ ସହିତ ଏ ବିଷୟରେ କଥା ହେଲା । ବାଘୁଣୀ କହିଲା- ଏଭଳି କାମ ଏକୁଟିଆ କରିବା ଅପେକ୍ଷା କିଛି ପ୍ରାଣୀଙ୍କୁ ନେଇ କରିବା ଭଲ । ବାଘ ମନକୁ ବାଘୁଣୀର କଥାଟି ପାଇଲା । ସେ ସଙ୍ଗେ ସଙ୍ଗେ ମନ୍ତ୍ରୀ, ସେନାପତିଙ୍କ ସହିତ ଆଉ କେତେକ ପ୍ରାଣୀଙ୍କୁ ନେଇ ଗୋଟିଏ ସମିତି ଗଢ଼ିଲା । ସେମାନେ ବିଚାର କରି ଯାହାର ନାମ ସୁପାରିଶ କରିବେ ବାଘ ସେହିମାନଙ୍କୁ ପୁରସ୍କାର ଦେବ ବୋଲି ସ୍ଥିର ହେଲା । ବାଘର ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କଲେ । ସେହି ସମିତିରେ ଥାଏ ବିଲୁଆ । ସେ ତ ଭାରି ଚାଲାକ । ତାର ବନ୍ଧୁ କୁକୁର । ସେ ଏହି ମଉକାରେ କୁକୁର ସବୁଠାରୁ ଯୋଗ୍ୟ ପ୍ରାଣୀ ବୋଲି ଦାବି କଲା । ତା' କଥାକୁ ଭାଲୁ ବି ସମର୍ଥନ କଲା । କାରଣ ଭାଲୁ ଓ ବିଲୁଆ ଦୁଇ ସଙ୍ଗାତ ଥିଲେ ।

ଭାଲୁ ଓ ବିଲୁଆ ଦୁଇଜଣ ଗୋଟିଏ କଥା କହିବାରୁ ଅନ୍ୟମାନେ ସେହି ପ୍ରସ୍ତାବରେ ରାଜି ହେଲେ । ଶେଷରେ କୁକୁରକୁ ପୁରସ୍କାର ଦିଆଯିବା ପାଇଁ ସୁପାରିଶ କରାଗଲା । ବାଘ ବି ସୁପାରିଶ ଅନୁସାରେ କୁକୁରକୁ ପୁରସ୍କାର ଦେଲା । ତାପରେ ତ ହେଲା ଆଲୋଚନା । ପ୍ରକୃତରେ କୁକୁର କିଛି କାମ କରୁନଥିଲା । ସେ କେବଳ ବିଲୁଆ ସହିତ ବୁଲାବୁଲି କରୁଥିଲା ।

ସମସ୍ତଙ୍କ ଠାରୁ ତିରସ୍କାର ପାଇବା ପରେ ବିଲୁଆ ଗୋଟିଏ ଉପାୟ ପାଂଚିଲା । ସେ କୁକୁରକୁ କହିଲା- ତୁ ଏମିତି କିଛି କାମ କର ଯାହାଫଳରେ ଅନ୍ୟମାନେ ତୋତେ ଭଲ ପାଇବେ । କୁକୁର କେଉଁ କାମ କରିବ ବୋଲି ଭାବିଲା । ଏମିତି ବୁଲୁ ବୁଲୁ ସେ ମଣିଷ ପାଖରେ ପହଂଚିଲା । ମଣିଷ ତାର ସବୁ ଗୁଣ ପରଖିଲା । ତାପରେ ତାକୁ ପଚାରିଲା- ମୋର ଗୋଟିଏ ଜଗୁଆଳ ଦରକାର । ତୁ ସେହି କାମ କରିପାରିବୁ ? ଏଥିରେ କୁକୁର ରାଜି ହୋଇଗଲା । କାରଣ ତାର ଘ୍ରାଣ ଶକ୍ତି ପ୍ରଖର । ତାର ବିଷ ମଧ ଅଧିକ ।


କୁକୁର ମଣିଷର ଜଗୁଆଳୀ କାମ କରିବାରୁ ସମସ୍ତେ ତାକୁ ଡରିଲେ ଓ ସେ ପାଇଥିବା ପୁରସ୍କାର ଯଥାର୍ଥ ବୋଲି କହିଲେ । ଏହାଦ୍ୱାରା ବିଲୁଆର ବି ମାନ ବଢ଼ିଲା ।

+ ଶିକ୍ଷାଶ୍ରୀ ଲେନ୍
କୁମ୍ଭାରପଡ଼ା, ପୁରୀ-୨, ପୁରୀ
(ମୋ) ୯୭୭୬୨୩୮୫୨୨
୭୮୭୩୯୭୯୦୫୬



ବିଜୟଲକ୍ଷ୍ମୀ ପାଣିଗ୍ରାହି

# ନୂଆ ସାଙ୍ଗ



ବାପା ଶୋଇ ପଡିବା ଦେଖି ରାନୁର ବିଲେଇ ଆଖି ପଡେ ବାପାଙ୍କ ମୋବାଇଲ ଉପରେ। ବାଘ ପାଦ ଚାପି ଶିକାର କଲାଭଳି ମୋବାଇଲକୁ ଝାଂପ ଦିଏ ଭାରି ସତର୍କତାରେ। ମାଆ ତ ଘର କାମରେ ବ୍ୟସ୍ତ। ତାଙ୍କୁ ରାନୁର ଏ କରାମତି ଜମାରୁ ଦେଖା ଯାଏନି। ଗଡ ଜିତିବାର ଖୁସିରେ ନିଜକୁ ସାବାସୀ ଦେଉଥାଏ। ପ୍ରତିଦିନ ଏମିତି ବାଗ କରି ମୋବାଇଲରେ ଖେଳ ଖେଳୁଥାଏ। ବାପା ଉଠିବା ପୂର୍ବରୁ ମୋବାଇଲ ତା ସ୍ଥାନରେ ଯେମିତି ସେମିତି ଥାଏ। ଏହିଭଳି ଭାବରେ ପ୍ରତିଦିନ କିଛି ଖେଳ ମୋବାଇଲରେ ଅପଲୋଡ଼ ହୁଅନ୍ତି ଖୁବ କାମ ସମୟ ପାଇଁ। କାରଣ ବାପା କାଳେ ଜାଣିଦେବେ, ସେଥିପାଇଁ ସେମାନଙ୍କୁ ମାରିଦେବାକୁ ହେବ ଖେଳ ସରିଲେ। ଏଇ ଦୁଇଦିନ ହେଲା ଅପଲୋଡ଼ ହୋଇଥିବା କାର ଡ୍ରାଇଭିଂ ଖେଳଟିକୁ ଅନଇଂଷ୍ଟଲ କରିବାକୁ ଯାଉଛି ରାନୁ ଦେଖିଲା କାରଟି ହସି ହସି କହୁଛି, ରାନୁ! ଏହି ଦୁଇ ଦିନ ଧରି ତୁମେ ମୋ ସହିତ ଖେଳିଲ। ମୋତେ ଭାରି ମଜା ଲାଗିଲା। ଆମେ ଦୁହେଁ ମିଶି କେତେ ଖେଳିଲେ।କେତେ ରାସ୍ତା ଅତିକ୍ରମ କଲେ। ଆଜି ପର୍ଯ୍ୟନ୍ତ ଯିଏ ବି ମୋତେ ଖେଳିଛନ୍ତି ,କିଏ କେତେ ଦୁର୍ଘଟଣା କରାଇଛନ୍ତି। କିନ୍ତୁ ତୁମେ ଏତେ ସୁନ୍ଦର ଖେଳିଲ ଯେ ଗୋଟେ ଥର ବି ମୋତେ ଅସୁବିଧା ହୋଇନି। ମୁଁ ଆଜି ଭାରି ଖୁସି ।ତମେ ମୋର ସବୁଠାରୁ ଭଲ ସାଙ୍ଗ। ଆମେ ସବୁଦିନ ମିଶି ଖେଳିବା।

ତା କଥାରେ ରାନୁ ଭାରି ଖୁସି ହୋଇଗଲା ।ସେଥିପାଇଁ ସେ ସେହିଦିନ ମଧ ଖେଳକୁ ଆଉ ଅନଇଂଷ୍ଟେଲ କରିଲା ନାହିଁ। ତା'ପର ଦିନ କୌଣସି ମତେ ବାପା ଏକଥା ଜାଣିସାରିଥିଲେ। ସେ ମାଆଙ୍କୁ କହିଲେ , ଶୁଣୁଛ ! ଆମ ରାନୁ ମୋ ମୋବାଇଲରେ ଖେଳ ଖେଳୁଛି । ସେଥିରେ ମୋର ଦୁଃଖ ନାଇଁ। ହେଲେ ସେ ଲୁଚାଇ ଏ କାମ କରୁଥିବାରୁ ମୁଁ ଭାଇ ଦୁଃଖିତ।

ସନ୍ଧ୍ୟାରେ ମାଆ ରାନୁକୁ ଗଛରେ ପାଣିଦେବାକୁ କହିଲେ। ବାପା ଆଜି କାଲି ସାନ୍ଧ୍ୟ ଭ୍ରମଣରେ ବି ଯାଉଛନ୍ତି। ଏହି ସମୟରେ ସେ ମୋବାଇଲ ସାଥିରେ ନିଅନ୍ତି ନାହିଁ।

ତେଣୁ ସେ ତରତର ହୋଇ ପାଣି ଦେଇଦେଲା। ସିଧା ବାପାଙ୍କ ଟେବୁଲ ଉପରୁ ମୋବାଇଲ ଧରି ଚାଲିଲା ପଢା ଘରକୁ। କାର ସହିତ ଖେଳରେ ମଜ୍ଜି ଗଲା। ମାଆ କେତେବେଳରୁ କ୍ଷୀର କପ୍ ନେଇ ପାଖରେ ଠିଆ ହେଲେଣି ସେକଥା ତାକୁ ଜଣା ନାହିଁ। ମାଆଙ୍କର ଖଣ୍ଡି କାଶ ଶୁଣି ରାନୁ ହଡବଡେଇ ଗଲା ।ମୋବାଇଲଟି ତା'ହାତରୁ ଖସି ତଳେ ପଡ଼ିଗଲା। ତା' ଆଖିରେ ଏକ ଛାନିଆ ଭାବ ଦେଖି ମାଆ କହିଲେ ତୁ ଭୁଲ କରୁଛୁ ବୋଲି ଜାଣି ପାରୁଛୁ ତ। ହେଲେ ଏମିତି କାମ କାହିଁକି କରୁଛୁ? ତୋ ବାପା ଆଜି କେତେ ମନ ଦୁଃଖ କଲେ। ତୁ ତ ଆମର ସୁନା ପିଲା। ତୋ ପରି ପିଲାମାନେ କଣ ଭୁଲ କରନ୍ତି?

ରାନୁ ଉଠିପଡ଼ି ମାଆକୁ କୋଳେଇ ଧରିଲା। କହିଲା ମାଆ ମୋବାଇଲର ସେ କାର୍ ଟି ମୋର ବଡ ସାଙ୍ଗ ହୋଇଯାଇଛି। ମୋ ସାଥିଲେ ସବୁବେଳେ ଖେଳୁଛି। ମୋତେ ଭାରି ଭଲ ଲାଗୁଛି। ନହେଲେ ମୁଁ ଏକୁଟିଆ କଣ କରିବି ଯେ?। ମୋ ସହିତ କିଏ ଖେଳୁ ନାହାଁନ୍ତି। ଏତିକି ବେଳକୁ ରାନୁର ଆଖି ଓଦା ହୋଇଗଲାଣି ।ମାଆ ତା ଆଖିରୁ ଲୁହ ପୋଛି ଦେଇ କହିଲେ, ନେ... କ୍ଷୀର ପିଇଦିଏ। ତାପରେ ଆମେ ଦୁହେଁ ମିଶିକି ଖେଳିବା। ରାନୁ ମୁହଁରେ ହସର ଧାରଟିଏ ଖେଳିଗଲା। ଆଖିରେ ମାଆ ପ୍ରତି କେତେ ଭଲ ପାଇବା। କେଇ ସେକେଣ୍ଡରେ କ୍ଷୀର ପିଇଦେଇ ରାନୁ ମାଆ ହାତ ଟାଣି ଟାଣି ନେଲା ବାପାଙ୍କ ଟେବୁଲ ପାଖକୁ। ଟେବୁଲ ଉପରେ ମୋବାଇଲଟିକୁ ରଖିଦେଇ କହିଲା, ବାଏ ସାଙ୍ଗ ! ମୁଁ ଏବେ ଆଉ ଏକ ସାଙ୍ଗ ପାଇଗଲି।

ତା'ପରେ ମାଆ ଝିଅ ଏରୁଣ୍ଡିବନ୍ଧ ଡେଇଁ ଘର ବାହାରେ ଖପରା କାତି ଖେଳ ଖେଳୁଥିଲେ। ମାଆ ବାରମ୍ବାର ହାରିବାରେ ଯେତିକି ଆନନ୍ଦ ହେଉଥିଲେ ରାନୁ ଜିତିବାର ସେତିକି ଖୁସି।

+ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## କୁହ ମୁଁ କିଏ

ରତ୍ନକାନ୍ତି ମିଶ୍ର



ଖରା ବର୍ଷାରେ ମୁଁ ଖୋଜା ପଡଇ
ସେବା କରେ ମଥା ଉପରେ ଥାଇ,
କଳା ଧଳା ନାଲି ରଙ୍ଗର କେତେ
ଶୋଭାପାଏ ମୁହିଁ ତୁମରି ହାତେ,
ସଭିଙ୍କ ହିତରେ ମୁଁ ପରା ଥାଏ
କହିବ କି ମୋର ନାମଟି କିଏ ? (ଛତା)


ତୁମ ପାଦ ତଳେ ମୋହରି ସ୍ଥାନ
ଜୀବନଟା ସାରା ସହେ କଷଣ,
ଖାଲ ଢିପ ଅବା ସୁଗମ ପଥ
ଚାଲୁଥାଏ ବାଟ ନହୋଇ କ୍ଲାନ୍ତ,
ପାଦ ତୁମ ସଫା ମୋ ପାଇଁ ରହେ
ଚିହ୍ନିଲ ତ ଏବେ କୁହ ମୁଁ କିଏ ?(ଚପଲ)

ତୁମରି କାନ୍ଧରେ ଲଟକି ଥାଏ
କେତେ କିସମର ଦେଖା ମୁଁ ଯାଏ
ସାଇତି ରଖେ ମୁଁ ବହି ପତର
ଜରୁରୀ କାଗଜ ଟଙ୍କା ବା ହାର
ପନି ପରିବା ବି ମୁଁ ବୋହିଥାଏ
କହିବ କି ମୋର ନାମଟି କିଏ ?(ବ୍ୟାଗ)

+ ଆଳି, କେନ୍ଦ୍ରାପଡା

## ସାଧନାଟି କଲେ ମିଳଇରେ ସିଦ୍ଧି

ନୀଳମଣି ଚାନ୍ଦ



ବହିଖାତା ଥୋଇ ସେ ଦିନ ଆହାନ୍
ବସିଥିଲା ମନମାରି
ପଚାରିଲେ ଆଇ' ଉତ୍ତର ସେ ଦେଲା
ପାଠ ଲାଗେ କଷ୍ଟ ଭାରି।

ଇତିହାସ ସବୁ ପୁରୁଣା କଥାଟି
ରହୁନି ମୋତେ ମୋ ମନେ
ଗୋଟେଗୋଟେ ଅଙ୍କ କଷିବା ପାଇଁକି
ଚାଲିଯାଏ ଦିନେ ଦିନେ।

ସାହିତ୍ୟର ଶବ୍ଦ ଅର୍ଥ ସବୁକୁରେ
ପାରୁନାହିଁ ମୁହିଁ ବୁଝି
ଇଂରାଜୀଟା ଗୋଟେ ବିଦେଶୀଭାଷାରେ
ତା' ସାଥିରେ ହୁଏ ଯୁଝି।

ଠିକ୍ ସମୟରେ ନିୟମିତ ଭାବେ
କିଏ ଯିବି ବିଦ୍ୟାଳୟ
ଗୁରୁଜୀ କହନ୍ତି ଖେଳକୁଦ ପଛେ
ପାଠରେ ରଖରେ ଲୟ।

ଆଇ ବୁଝେଇଲେ ତୁ ଜଣେ ବିଦ୍ୟାର୍ଥୀ
ଅଧ୍ୟୟନ ତୋ'ର କାମ
ସାଧନାଟି କଲେ ଲଭିବୁରେ ସିଦ୍ଧି
ବଢିବ ତୋହରି ନାମ।

କଷ୍ଟ କଲେ କୃଷ୍ଣ ମିଳଇ ଜୀବନେ
ମନେ ରଖିବୁ ଏ କଥା
ପାଠଟି ଲାଗିବ ସହଜ ସରଳ
ଲଗେଇଲେ ସିନା ମଥା।

+ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭



## ସତ ସପନ

ସନ୍ତୋଷ କୁମାର ଅଦାବର

କବିତା ତୁମ ପାଇଁ



ବାପା ମାଆ ନିଜ ପୁଅ ଝିଅ ପାଇଁ
ଦେଖନ୍ତି ଭଲ ସପନ
ପୁଅ ଝିଅ ତାହା ସାକାର କରିଲେ
ସତ ସପନ ଏ ଜାଣ ।

ଭଲ ପଢ଼ି ତୁମେ ପରୀକ୍ଷାରେ ଯଦି
ଠିକ୍ କର ଫଳାଫଳ
ଏହାକୁ କହିବା ସତ ସପନଟି
ସାକାର ହେଲା ତୁମର ।

ଅକ୍ଲାନ୍ତ ଅଧବସାୟ କରି ଯଦି
ଲକ୍ଷ୍ୟ ହାସଲ କରିବା
ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିଲେ
ସତ ସପନ କହିବା ।

ନିଦରେ ଶୋଇକି ଯାହା ସବୁ ଦେଖୁ
ଏହା ନୁହେଁ ସେ ସପନ
ଭଲ କାମ ପାଇଁ ଚେଇଁ ଯାହା ଭାବୁ
ସେ ସପନଟି ଏହା ଜାଣ ।

ସପନକୁ ସତ କରିବାକୁ ହେଲେ
ଆସେ ବହୁ ବାଧା କ୍ଲେଶ
ମନ ପ୍ରାଣ ଦେଇ ହାସଲ କରିଲେ
ମୁହଁରେ ଫୁଟଇ ହସ ।

+ ବୀରମହାରାଜପୁର ଜି-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଜୁନ୍ ୧୮ରେ ସ୍କୁଲ ଖୋଲିବ: ମଧ୍ୟାହ୍ନଭୋଜନ ଦେବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୪/୬ (ନି.ପ୍ର): ଗ୍ରୀଷ୍ମ ଛୁଟି ପରେ ଆସନ୍ତା ୧୮ ତାରିଖରେ ସ୍କୁଲ ଖୋଲିବ। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଦିନରେ ଯେପରି ମଧ୍ୟାହ୍ନଭୋଜନ ମିଳିବ ସେଦିଗରେ ପଦକ୍ଷେପ ନେବାକୁ ଆଜି ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର ନାୟର ଆଜି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମାରେ ସେ ଦର୍ଶାଇଛନ୍ତି ଯେ ପ୍ରଥମରୁ ୮ମ ଶ୍ରେଣୀରେ ପଢୁଥିବା ୬ରୁ ୧୪ ବର୍ଷ ବୟସର ପ୍ରତିଟି ଶିଶୁ ମଧ୍ୟାହ୍ନଭୋଜନ ପାଇବାକୁ ହକ୍‌ଦାର। ସ୍କୁଲର ଅବ୍ୟବସ୍ଥା ପାଇଁ ଛାତ୍ରଛାତ୍ରୀ ଯେପରି ସେମାନଙ୍କ ହକ୍‌ରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସ୍କୁଲ କର୍ତ୍ତୃପକ୍ଷମାନେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଛୁଟି ପୂର୍ବରୁ ମଧ୍ୟାହ୍ନଭୋଜନ ପାଇଁ ବଳକା ରହିଥିବା ଚାଉଳ, ତେଲ, ଡାଲି, ସୋୟାବଡ଼ି ସମେତ ମଧ୍ୟାହ୍ନଭୋଜନରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଠିକ ଅଛି କି ନାହିଁ ତାହାକୁ ଯାଞ୍ଚ କରିବାକୁ କୁହାଯାଇଛି। ରୋଷେୟା କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ରାନ୍ଧିବାକୁ ଦେବା ପୂର୍ବରୁ ଭଲ ଭାବେ ତାହାକୁ ଚାଖିବାକୁ ପରାମର୍ଶ ଦିଆଯାଇଛି। ସାମଗ୍ରୀଗୁଡ଼ିକ ଯଦି ଖାଇବା ଯୋଗ୍ୟ ନ ଥିବ ସ୍କୁଲର ପ୍ରଧାନଶିକ୍ଷକମାନେ ତାହାକୁ ନଷ୍ଟ କରିବା ଦିଗରେ ପଦକ୍ଷେପ ନେବେ। ସିଆରସିସି ଓ ବିଇଓମାନେ ତାହାକୁ ଯାଞ୍ଚ କରିବେ ଏବଂ ସୁନିଶ୍ଚିତ କରାଇବେ। ପ୍ରଥମ ଦିନର ମଧ୍ୟାହ୍ନଭୋଜନରେ ଯେପରି କୌଣସି ପ୍ରକାର ଅବ୍ୟବସ୍ଥା ନ ହୁଏ ସେଥିପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସିମାନେ ନିୟମିତ ଭାବେ ଯାଞ୍ଚ କରିବେ। ରୋଷେଇ ହେଉଥିବା ସ୍ଥାନର ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଷେୟା-ସହାୟକ, ପାନୀୟ ଜଳ ଓ ମଧ୍ୟାହ୍ନଭୋଜନ ଉପାଦାନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବିପର୍ଯ୍ୟୟ ମୁକାବିଲା ପରିଚାଳନା ପ୍ରସ୍ତୁତି ବୈଠକ

ପୁରୀ, ୧୪/୬ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ଯେ କୌଣସି ସମୟରେ ଆସିପାରେ। ଆମେ ତାକୁ ରୋକି ପାରିବା ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶ କ୍ରମେ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ବନ୍ୟା, ବାତ୍ୟା ପୁରୀ ଜିଲ୍ଲାରେ ପ୍ରତି ବର୍ଷ ହେଉଥିବାରୁ ସମସ୍ତେ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେଣୁ ସମୟ ଆସିଛି ସମସ୍ତ ଅଭିଜ୍ଞତା, ଅନୁଭବ, ବୈଷୟିକ ଓ ବୈଜ୍ଞାନିକ ପଦ୍ଧତି ଆଧାରରେ ବିପର୍ଯ୍ୟୟ ପ୍ରତି ସତର୍କ ରହିବା ସହ ମିଳିତ ମୁକାବିଲା କରିବାକୁ ସେ ମତ ଦେଇଥିଲେ । ବିଭିନ୍ନ ବିଭାଗର ଅଧିକାରୀ ମାନେ ବିଭିନ୍ନ ବିପର୍ଯ୍ୟୟ ଓ ସେମାନଙ୍କ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଚଳିତ ମାସ ୧୮ ତାରିଖରେ ଟେବୁଲ ଟପ ଏକ୍ସସରସାଇଜ ଓ ୧୯ ତାରିଖରେ ମକ ଡ୍ରିଲ ଅନୁଷ୍ଠିତ ହେବ। ମକ ଡ୍ରିଲ ହେଉଛି ଏକ ଅଭ୍ୟାସ। ଯାହା ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରେ ବିଭିନ୍ନ ଉଦ୍ଧାର, ସହଯୋଗ, ଥଇଥାନ ଇତ୍ୟାଦିର ପ୍ରସ୍ତୁତି ଓ ବ୍ୟବହାରରେ ଲାଗୁଥିବା ଯନ୍ତ୍ରପାତି ଗୁଡିକର ସ୍ଥିତି ଓ ମରାମତି ସମ୍ପର୍କରେ ବ୍ୟବସ୍ଥା ହୋଇଥାଏ। ପୂର୍ବରୁ ପୂର୍ବାହ୍ନରେ ଟାଉନ ହଲ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବ୍ଲକ ମାନଙ୍କରେ ହେବାକୁ ଥିବା ମକ୍ ଡ୍ରିଲ ପ୍ରସ୍ତୁତି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

# ସମୁଦ୍ରକୁ ଗଲେ ୧୦,୮୦୦ କଇଁଛ ଛୁଆ



ବ୍ରହ୍ମଗିରି, ୧୪/୬ (ନି.ପ୍ର): ବ୍ରହ୍ମଗିରି ବନାଞ୍ଚଳ ପକ୍ଷରୁ କରାଯାଇଥିବା ଅସ୍ଥାୟୀ କଇଁଛ ଅଣ୍ଡା ହାଚେରିରୁ ଛୁଆ ଫୁଟିବା ପରେ ବନ ବିଭାଗ ସେମାନଙ୍କୁ ସମୁଦ୍ରରେ ଛାଡ଼ିଛି। କଇଁଛ ଛୁଆ ସମୁଦ୍ରକୁ ଯିବା ପରେ ଚଳିତ ବର୍ଷ ପାଇଁ ବନ ବିଭାଗ ହାଚେରି ବନ୍ଦ କରିଛି। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ବ୍ରହ୍ମଗିରି ବନାଞ୍ଚଳ ଅଧୀନରେ ବାଲିହରଚଣ୍ଡୀ ଓ ଚାପମାଣିମକ ବିଟ୍ ଉପକୂଳରେ ଦୁଇଟି ହାଚେରି କରାଯାଇଥିଲା। ପୁରୀ ମଙ୍ଗଳା ନଇଠାରୁ ବାଲିହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର ଉପକୂଳରେ ବନ ବିଭାଗ ୨୪ ଘଣ୍ଟିଆ ପ୍ରହରା ଦେଇଥିଲା। ଉପକୂଳରୁ ମୋଟ ୧୬ହଜାର ୮ଶହ କଇଁଛ ଅଣ୍ଡା ସଂଗ୍ରହ କରିଥିଲା। ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡା ସଂଗ୍ରହ କରି ଅସ୍ଥାୟୀ ହାଚେରିରେ ଆଣି ରଖାଯାଇଥିଲା। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୫ ହଜାର ଅଣ୍ଡା ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ୧୦ହଜାର ୮ଶହ କଇଁଛ ଛୁଆ ଫୁଟି ସମୁଦ୍ରକୁ ଯାଇଛନ୍ତି। ବାକି ୬ ହଜାର ଅଣ୍ଡା ନଷ୍ଟ ହୋଇଥିବା ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ସାହୁ କହିଛନ୍ତି। ଚଳିତ ବର୍ଷ ପ୍ରବଳ ତାତି ଯୋଗୁ ଅଣ୍ଡା ନଷ୍ଟ ହେବାର ମୁଖ୍ୟ କାରଣ ବୋଲି ବନ ବିଭାଗ କହିଛି। ସମୁଦ୍ରକୁ କଇଁଛ ଛୁଆ ଛଡ଼ାଯିବା ପରେ ବନ ବିଭାଗ ହାଚେରି ସହିତ କଇଁଛ କ୍ୟାମ୍ପ ବନ୍ଦ କରିଛି। ତଥାପି ଉପକୂଳରେ ବନ କର୍ମଚାରୀ ସଜାଗ ଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।

# ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର: ଛତିଶଗଡ଼ର ଯୁବକଙ୍କ ଛାତିରୁ କଢ଼ାଗଲା ୫ କେଜିର ଟ୍ୟୁମର



କଟକ, ୧୪/୬ (ନି.ପ୍ର): ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଏକ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଅସ୍ତ୍ରୋପଚାର ଦ୍ୱାରା ଛତିଶଗଡର ଜଣେ ଯୁବକଙ୍କ ଛାତିରୁ ୫ କିଲୋ ଓଜନର ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମର କଢ଼ାଯାଇଛି। କର୍କଟ ଚିହ୍ନଟ ପାଇଁ ଟ୍ୟୁମରର ନମୁନା ପାଥୋଲୋଜିକୁ ପରୀକ୍ଷା ପାଇଁ ପଠାଯାଇଛି ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଅରୁଣ ଚୌଧୁରୀ କହିଛନ୍ତି । ଛତିଶଗଡ ବାଲବା ସିମଦେଶ ଅଞ୍ଚଳର ଅସିତ ଲାକ୍ରା(୨୫)ଙ୍କ ଛାତି, ଗଳା, କାନ୍ଧରେ ସ୍ପିଣ୍ଡିଲ୍ ସେଲ୍ ଟ୍ୟୁମର ମାଡି ଯାଇଥିଲା। ଏଥି ସହ ତାଙ୍କ ଶ୍ୱାସନଳୀ ଓ ଖାଦ୍ୟ ନଳୀ ମଧ୍ୟ ପ୍ରଭାବିତ ହୋଇଥିଲା। ରାଞ୍ଚିର ରାଜେନ୍ଦ୍ର ମେଡିକାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ସେ ଚିକିତ୍ସିତ ହେଉଥିଲେ। ସେଠାକାର ଡାକ୍ତରଙ୍କ ପରାମର୍ଶକ୍ରମେ ଅସିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚ୍‌ପିଜିଆଇସି)କୁ ଆସିଥିଲେ। ଗତ ୨୭ ତାରିଖରେ ଅସିତଙ୍କୁ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ଅସ୍ତ୍ରୋପଚାର ନିମନ୍ତେ ଏସ୍‌ସିବିରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ପ୍ରଫେସର ଡାକ୍ତର ଚୌଧୁରୀଙ୍କ ସମେତ ଡାକ୍ତର ବି. ମିଶ୍ର, ଡାକ୍ତର ଏସ୍ ରାଉତରାୟ, ଡାକ୍ତର ଡି.କେ ସାହୁ, ଷ୍ଟାଫ ନର୍ସ ଏସ୍ ଦାସ, ନିଶ୍ଚେତକ ଡାକ୍ତର ଶୁଭଶ୍ରୀ ମିଶ୍ର, ଡାକ୍ତର ପି ସାମଲ ଏହି ଟିମ୍‌ରେ ରହିଥିଲେ। ପ୍ରାୟ ୫ ଘଣ୍ଟା କାଳ ଅସ୍ତ୍ରୋପଚାର କରାଯିବା ପରେ ଅସିତଙ୍କ ଛାତିରୁ ୫ କେଜି ଓଜନର ଟ୍ୟୁମର କଢ଼ାଯାଇଥିଲା। ତାଙ୍କ ଉଭୟ ଜଂଘରୁ ମାଂସ ନେଇ ସ୍କିନ୍ ଗ୍ରାଫ୍ଟିଂ କରାଯାଇଥିଲା।

# ପରିବା ସହ ଫଳ ବଜାରରେ ବି ନିଆଁ: ଗରମ ଗୁଳୁଗୁଳିକୁ ଦାୟୀ କରୁଛନ୍ତି ବ୍ୟବସାୟୀ



କଟକ, ୧୪/୬ (ନି.ପ୍ର): ପନିପରିବା ଭଳି ବଜାରରେ ଫଳ ଦର ବି ବଢିବାରେ ଲାଗିଛି। ଯେଉଁ ସମୟରେ ଆମ୍ବ ଦର ଖସିବା କଥା, ସେହି ସମୟରେ ଦର ବହୁ ଅଧିକ ରହୁଛି। କେବଳ ଆମ୍ବ ନୁହେଁ, ବଜାରରେ ଏବେ ସେଓ, ଅଙ୍ଗୁର, କଦଳୀ ଦର ବି ଉଚ୍ଚା ରହୁଛି। ପରିବା ଆଉ ଫଳ ଦର ଏଭଳି ଉଚ୍ଚା ରହିବା ଘଟଣାରେ ସାଧାରଣ ଗ୍ରାହକ ସମସ୍ୟାରେ ପଡିଛନ୍ତି। କିନ୍ତୁ ବ୍ୟବସାୟୀମାନେ ଏଥିପାଇଁ ଲମ୍ବା ସମୟ ଧରି ଗରମ ଓ ଗୁଳୁଗୁଳିକୁ ଦାୟୀ କରୁଛନ୍ତି। ରାଜ୍ୟର ଅନ୍ୟତମ ବୃହତ ଫଳ ମଣ୍ଡି ଛତ୍ରବଜାରରେ ଏବେ ମୋଟ ୧୦ଟି ଫଳ ଗୋଦାମ ରହିଛି। ଦୈନିକ ଏହି ଫଳ ଗୋଦାମକୁ ଦେଢ଼ କୋଟି ଟଙ୍କାର ଫଳ ଆମଦାନୀ ହେଉଛି। କିନ୍ତୁ ବର୍ତ୍ତମାନ ଏଭଳି ଗରମ ହେଉଛି ଯେ ଛତ୍ରବଜାରରେ ଥିବା ଏହି ଫଳ ଗୋଦାମଗୁଡ଼ିକରେ ଫଳ ଗଚ୍ଛିତ ରଖିବା କଷ୍ଟକର ହୋଇପଡୁଛି। ବ୍ୟବସାୟୀମାନେ କ୍ଷତିରେ ପଡୁଥିବାରୁ ଫଳର ମୂଲ୍ୟ ବୃଦ୍ଧି କରୁଛନ୍ତି। ହୋଲସେଲରେ ବିକ୍ରି ହେଉଥିବା ବାଇଗଣ ପଲେଇ ଆମ୍ବ ସାବିତ୍ରୀ ପୂର୍ବରୁ ୬୦ ଟଙ୍କା ଥିଲା। ଏବେ ୭୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି। ଖୁଚୁରାରେ ଏହି ଆମ୍ବ ଦର ୧୦୦ ଟଙ୍କା ଛୁଇଁଲାଣି। ବଲାଙ୍ଗୀର, ରାୟଗଡ଼ା, ଅନୁଗୁଳ ଜିଲ୍ଲା ବଇଣ୍ଡାରୁ ଆସୁଥିବା ଆମ୍ର ପଲ୍ଲୀ ଆମ୍ବ ସାବିତ୍ରୀ ପୂର୍ବରୁ ୪୦ ଟଙ୍କା ଥିଲା। ଏବ ୫୦ରୁ ୬୦ ଟଙ୍କା ଛୁଇଁଲାଣି। ଖୁଚୁରାରେ ଏହି ଆମ୍ବ ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ସୁନ୍ଦରୀ ଆମ୍ବର ଆମଦାନୀ ନାହିଁ। ସେଥିପାଇଁ ଏହାର ହୋଲସେଲ୍ ମୂଲ୍ୟ ୭୦ ଟଙ୍କା ରହିଛି। ଆନ୍ଧ୍ର ପ୍ରଦେଶରୁ ଆସୁଥିବା କଦଳୀ କାନ୍ଦି ୧୫୦ରୁ ୫୦୦ ଟଙ୍କା ରହିଛି। ଖୁଚୁରା ବଜାରରେ ସିଙ୍ଗାପୁରୀ କଦଳୀ କେଜି ୫୦ ଟଙ୍କା, ଚମ୍ପା ଫେଣା ୩୦ରୁ ୪୦ ଟଙ୍କା, ଦେଶୀ କଦଳୀ ଫେଣା ୮୦ ଟଙ୍କା ରହିଛି। କଦଳୀଗୁଡ଼ିକ ଏବେ ଶୀଘ୍ର ସଢ଼ିଯାଉଥିବାରୁ ବ୍ୟବସାୟୀଙ୍କ ଚିନ୍ତା ବଢ଼ିଯାଇଛି। ସେଓ ପୂର୍ବରୁ ୧୦୦ ଟଙ୍କା ଥିଲା। ଏବେ ୧୨୦ରୁ ୧୫୦ ଟଙ୍କା ରହିଛି। ଖୁଚୁରାରେ ସେଓ କିଲୋ ୧୪୦ରୁ ୨୦୦ ଟଙ୍କା ଛୁଇଁଲାଣି। ସେଓ ଷ୍ଟୋରେଜରୁ ବାହାରିବା ମାତ୍ରକେ ନଷ୍ଟ ହେବା ଆରମ୍ଭ କରୁଛି। ବଜାରରେ ଏବେ ଡାଳିମ୍ବର ଅଭାବ ରହିଛି। ଆମଦାନୀ ନଥିବାରୁ ହୋଲସେଲ୍ ମୂଲ୍ୟ କେଜି ପିଛା ୧୦୦ ଟଙ୍କା ଥିବା ବେଳେ ଖୋଲାରେ ୧୫୦ ଟଙ୍କାରେ ବିକ୍ରି ହେଉଛି। ଚମନ୍ ଅଙ୍ଗୁର ବେଙ୍ଗାଲୁରୁରୁ ଆସୁଥିଲା ବେଳେ କିଲୋ ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଆସୁଥିବା ଜମ୍ବୁ ଅଙ୍ଗୁରର ହୋଲସେଲ୍ ମୂଲ୍ୟ ୬୦ରୁ ୭୦ ଟଙ୍କା ମୂଲ୍ୟ ରହିଛି। ଲିଚୁ କେଜି ୧୨୦ରୁ ୧୩୦ ଟଙ୍କା ଥିବା ବେଳେ ଖୁଚୁରାରେ ୧୫୦ରୁ ୧୮୦ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀମାନେ ଏଥିପାଇଁ ଲମ୍ବା ସମୟ ଧରି ଗରମ ଓ ଗୁଳୁଗୁଳିକୁ ଦାୟୀ କରୁଛନ୍ତି। ଦୈନିକ ଲକ୍ଷାଧିକ ଟଙ୍କାର ଫଳ ନଷ୍ଟ ହେଉଥିବାରୁ କ୍ଷତି ଭରଣା ପାଇଁ ବ୍ୟବସାୟୀ ଫଳ ଦର ଉଚ୍ଚା ରଖିବାକୁ ବାଧ ହେଉଛନ୍ତି। ରାଜ୍ୟର ଅନ୍ୟତମ ବୃହତ ଫଳ ମଣ୍ଡି ଛତ୍ରବଜାରରେ ଏବେ ଦୈନିକ ପାଖାପାଖି ୨୦ ଲକ୍ଷ ଟଙ୍କାର ଫଳ ନଷ୍ଟ ହେଉଥିବା କୁହାଯାଉଛି। ଛତ୍ରବଜାର ବ୍ୟବସାୟୀ ସଂଘର କାର୍ଯ୍ୟକାରୀ ସଭାପତି ରମାନାଥ ସ୍ୱାଇଁଙ୍କ କହିବା ଅନୁଯାୟୀ, ଖରା ଗରମରେ ବହୁତ ଫଳ ନଷ୍ଟ ହେଉଛି। କଦଳୀ ଯେଉଁ ଦିନ ଆସୁଛି ସେଦିନ ବିକ୍ରି ନହେଲେ ସଢ଼ିଯାଉଛି। ଜମ୍ବୁ ଅଙ୍ଗୁର ଗୋଟିଏ ଦିନ ପରେ ଏଠି ପହଞ୍ଚୁଥିବାରୁ ଫାଟି ନଷ୍ଟ ହୋଇ ଯାଉଥିବା ଶ୍ରୀ ସ୍ୱାଇଁ କହିଛନ୍ତି। ଛତ୍ରବଜାର ବ୍ୟବସାୟୀ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ କହିବା ଅନୁଯାୟୀ, ସେଓ ଚାରିରୁ ପାଞ୍ଚ ଦିନ ରହିବା କଥା। କିନ୍ତୁ ଏହା ପୂର୍ବରୁ ନଷ୍ଟ ହେବା ଆରମ୍ଭ ହେଉଛି। ଆମ୍ବକୁ ବି ରଖି ହେଉନି। ଆମ୍ବ ଅତି କମରେ ୪ରୁ ୫ ଦିନ ରହିବା କଥା। କିନ୍ତୁ ସେତିକି ଦିନ ବି ଆମ୍ବ ରହିପାରୁନାହିଁ। ଦୈନିକ ପାଖାପାଖି ୧୫ ପ୍ରତିଶତ ଫଳ ନଷ୍ଟ ହୋଇଯାଉଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଲମ୍ବା ସମୟ ଧରି ଏଭଳି ଗରମ, ଗୁଳୁଗୁଳି ଲାଗି ରହିଥିବାରୁ ଫଳ ଦର ଯେଉଁ ସମୟରେ କମ ରହିବା କଥା, ସେ ସମୟରେ ଉଚ୍ଚା ରହୁଛି ବୋଲି ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି।

# ପ୍ରାକ୍ ମୌସୁମୀ ବର୍ଷା ପରେ ଝରିଗାଁ ବ୍ଲକରେ ଚାଷ କାମ ଆରମ୍ଭ



ଝରିଗାଁ, ୧୪/୬ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଏକ କୃଷି ପ୍ରଧାନ ବ୍ଲକ ଭାବେ ପରିଚିତ। ବ୍ଲକର ୯୦ ପ୍ରତିଶତ ଲୋକ ଲୋକ କୃଷି ଉପରେ ନିର୍ଭରଶୀଳ। ତେବେ ପ୍ରଶାସନ ଏବଂ ଲୋକ ପ୍ରତିନିଧିମାନଙ୍କ ଆନ୍ତରିକତା ଅଭାବ ଯୋଗୁଁ ଝରିଗାଁ ବ୍ଲକରେ ଥିବା ଜମିରେ ଜଳସେଚନ ସୁବିଧା ହୋଇ ପାରୁନାହିଁ। ତେଣୁ ସ୍ଥାନୀୟ ଚାଷୀ ବର୍ଷା ଉପରେ ସମ୍ପୂର୍ଣ୍ଣ ଭରସା କରନ୍ତି। ସଠିକ ସମୟରେ ବର୍ଷା ନହେଲେ ବର୍ଷକର ଚାଷ ବୁଡିବା ସମ୍ଭାବନା ରହିଥାଏ। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ ଜମିରେ ଜଳ ସେଚନ ସୁବିଧା ପାଇଁ ବ୍ଲକର ବିଭିନ୍ନ ନାଳ ଓ ନଦୀ ଗୁଡିକରେ ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା। ତେବେ ଆଡ଼ିବନ୍ଧ ନିର୍ମାଣର ସ୍ଥାନ ନିରୂପଣ ଠିକ ନଥିବା ଯୋଗୁଁ ଆଡ଼ିବନ୍ଧ ଗୁଡିକ କୌଣସି କାମରେ ଆସୁନାହିଁ। ତେଣୁ ବର୍ଷା ପାଣି ଉପରେ ଚାଷୀ ମାନେ ନିର୍ଭର କରୁଛନ୍ତି। ଗତ କିଛି ଦିନ ତଳେ ଝରିଗାଁ ବ୍ଲକରେ ପ୍ରାକ ମୌସୁମୀ ବର୍ଷା ହେବା ପରେ ସ୍ଥାନୀୟ ଚାଷୀମାନେ ଚାଷ କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। କିଛି ଚାଷୀ ଧାନ ଜମିରେ ଲଙ୍ଗଳ ଲଗାଇ ଚାଷ କରିବା ସହ ଧାନ ଜମିରେ ବୁଣା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଚଳିତ ବର୍ଷ ଝରିଗାଁ ବ୍ଲକ କୃଷି ବିଭାଗ ପକ୍ଷରୁ ୮୩୬୧ ହେକ୍ଟର ଜମିରେ ଧାନ ଚାଷ, ୭୪୩୬ ହେକ୍ଟର ଜମିରେ ମକା ଚାଷ ସହ ପ୍ରଥମ ଥର ପାଇଁ ୧୧୪୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି। ବେସରକାରୀ ଶଙ୍କର ଜାତୀୟ ଧାନ ବିହନ ଚାଷୀଙ୍କୁ ବେଳେ ବେଳେ ଧକା ଦେଉଥିବା ଯୋଗୁଁ ଝରିଗାଁ ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ସରକାରୀ ଅଧିକ ଅମଳ କ୍ଷମ ଧାନ ବିହନକୁ ବହୁଳ ବ୍ୟବହାର ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି।

# ସୀମାନ୍ତ ଗାଁ ପିଲା ପଢୁଛନ୍ତି ତେଲୁଗୁ: ସ୍ୱାଭିମାନ ଅଞ୍ଚଳରେ କୋଟିଆ ସ୍ଥିତି



ମାଲକାନଗିରି, ୧୪/୬ (ନି.ପ୍ର): ଆନ୍ଧ୍ର ସୀମାକୁ ଲାଗିଛି ଗାଁ। ତେଣୁ ଅଧିକାଂଶ କାମ ପାଇଁ ଆନ୍ଧ୍ର ଉପରେ ନିର୍ଭରଶୀଳ। ବର୍ତ୍ତମାନ ପରିସ୍ଥିତି ଏମିତି ଯେ ଗାଁର ପ୍ରଚଳିତ ଭାଷା ତେଲୁଗୁ ହୋଇସାରିଲାଣି। ଏମିତି ସ୍ଥିତି ଲାଗି ରହିଲେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବହୁ ଗାଁରେ ମରିଯିବ ଓଡ଼ିଆ ଭାଷା। ଯେ କେହି ବି ଏହି ଗାଁକୁ ଯିବ ନିଶ୍ଚିତ ରୂପେ କୋରାପୁଟ ଜିଲ୍ଲାର କୋଟିଆ ଭଳି ପରିସ୍ଥିତି ଅନୁଭବ କରିବ। ଚିତ୍ରକୋଣ୍ଡା ବ୍ଲକର ୯ ପଞ୍ଚାୟତ ଜଳଭଣ୍ଡାର ଯୋଗୁ ବହୁ ବର୍ଷ ଧରି ବିଚ୍ଛିନ୍ନ ହୋଇ ରହିଥିଲା। ଏହି ଅଞ୍ଚଳରୁ ବ୍ଲକ୍ ମହକୁମାକୁ ଆସିବାକୁ ହେଲେ ପାଖାପାଖି ଗୋଟିଏ ଦିନ ଲାଗି ଯାଉଥିଲା। ଯାତାୟାତ ପାଇଁ ଜଳପଥରେ ଦେଶୀ ଡଙ୍ଗା ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିଲେ ଅଞ୍ଚଳବାସୀ। ଗୁରୁପ୍ରିୟା ସେତୁ ହେବାପରେ ବିଚ୍ଛିନ୍ନାଞ୍ଚଳ ଏବେ ସ୍ୱାଭିମାନ ଅଞ୍ଚଳରେ ପରିଣତ ହୋଇଛି। ଜିଲ୍ଲା ତଥା ବ୍ଲକ ମହକୁମାକୁ ଦୂରତା କମିଛି। କିନ୍ତୁ ଲମ୍ବା ସମୟ ଧରି ରହିଥିବା ଦୂରତାର ପରିଣାମ ଧୀରେଧୀରେ ସାମ୍ନାକୁ ଆସିବାରେ ଲାଗିଛି। ବର୍ଷ ବର୍ଷ ଧରି ଆନ୍ଧ୍ର ଉପରେ ରହିଥିବା ନିର୍ଭରଶୀଳତା ଯୋଗୁ ଲୋକଙ୍କ ଭାଷା, ସଂସ୍କୃତି ଏବଂ ପରଂପରା ପ୍ରାୟ ବଦଳି ଯାଇଛି। ଅଧିକାଂଶ ଗାଁରେ ଆନ୍ଧ୍ରର ଅଳ୍ପ ଅଧିକ ଝଲକ ଦେଖିବାକୁ ମିଳୁଛି। କିଛି ଗାଁରେ ଆନ୍ଧ୍ରର ବଡ଼ ପ୍ରଭାବ ରହିଥିବା ପରିଲକ୍ଷିତ ହୋଇଛି। ସ୍ୱାଭିମାନ ଅଞ୍ଚଳର ରାଲଗେଡ଼ା ଓ ଧୂଳିପୁଟ ପଞ୍ଚାୟତର ଅଧିକାଂଶ ଗାଁ ଆନ୍ଧ୍ରର ସୀମାକୁ ଲାଗି ରହିଛି। ଓଡ଼ିଶା ପକ୍ଷରୁ ବିକାଶର ବିଶେଷ ଚିହ୍ନବର୍ଣ୍ଣ ସିନାପାଲୀ, କୁମଡ଼ାଙ୍ଗ, କୋରୁକୋଣ୍ଡା, ଚିତାଙ୍ଗୁରୁ ଭଳି ଗାଁଗୁଡ଼ିକରେ ଦେଖିବାକୁ ମିଳେ ନାହିଁ। ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସରକାରୀ ଉଦାସୀନାତାର ଶିକାର ହୋଇଛନ୍ତି ବହୁ ଗାଁ। ଯାହାର ସୁଯୋଗ ନେଇଥିଲେ ଆନ୍ଧ୍ରର ରାଜନେତା ଏବଂ ପ୍ରଶାସନିକ ଅଧିକାରୀ। ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଏଠାକାର ଲୋକଙ୍କୁ ଯୋଗାଇ ଦେଇଥିଲେ। ଯଦିଓ ସ୍ୱାଭିମାନ ଅଞ୍ଚଳର ଅଧିକାଂଶ ଅଞ୍ଚଳରେ ଓଡ଼ିଆ ବିଦ୍ୟାଳୟ ରହିଛି। ତଥାପି ଓଡ଼ିଆ ପଢ଼ିବାକୁ ଏଠାକାର ପିଲା ବିଶେଷ ଆଗ୍ରହ ଦେଖାଉନାହାନ୍ତି। ଓଡ଼ିଶା ସୀମା ଅତିକ୍ରମ କରି ନିଜ ଗାଁ ଠାରୁ ୫ରୁ ୧୦ କିଲୋମିଟର ଦୂର ଆନ୍ଧ୍ର ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଛନ୍ତି। ନୂଆ ପିଢ଼ି ତେଲୁଗୁ ପଢ଼ିବା ଦ୍ୱାରା ଓଡ଼ିଆ ଭାଷା ସଂକଟରେ ରହିଛି। ଏପରିକି ସୀମାନ୍ତ ଗାଁରେ ଆଦିବାସୀ ପରିବାର ବସବାସ କରୁଛନ୍ତି। କିନ୍ତୁ ନିଜ ଭାଷାକୁ ବି ଆଦିବାସୀ ଏକପ୍ରକାର ଭୁଲି ଗଲେଣି। ଯଦି ସମୟ ଥାଉଥାଉ କୌଣସି ପଦକ୍ଷେପ ନିଆନଯାଏ ତେବେ ନିଶ୍ଚିତ ରୂପେ ଭାଷା ଭିତ୍ତିରେ ସୀମାନ୍ତ ଗାଁ ପୁଣି ବିଚ୍ଛିନ୍ନ ହୋଇଯିବାର ସମ୍ଭାବନା ରହିଛି।

# ବିଧାୟକ ଗଣେଶ୍ୱର ବେହେରାଙ୍କ ଭାଗବତପୁର ପ ାୟତ ଗସ୍ତ

କେନ୍ଦ୍ରାପଡା, ୧୪/୬ (ନି.ପ୍ର): ନବ ନିର୍ବାଚିତ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାବଗତପୁର ପ ାୟତକୁ ଗସ୍ତ କରି ପ୍ରଥମେ ଚଣ୍ଡୀବଜାରସ୍ଥିତ ମା' ରାମଚଣ୍ଡୀ ଦେବୀଙ୍କୁ ଦର୍ଶନ କରି ଆଶ୍ରିର୍ବାଦ ନେବା ପରେ ସ୍ୱର୍ଗତ ଭାଗବତ ସ୍ୱାଇଁଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହାପରେ ହୃଦଘାତରେ ମୃତ୍ୟୁବରଣ କରିଥିବା ସିମଳଦାର ଶିବ ବେହେରାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପରେ ଅସୁସ୍ଥ ଥିବା ପ୍ରଭାକର ମଲିକଙ୍କ ଘରକୁ ଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ପରେ ସିମଳଦାର ପ୍ରଭାକର ସ୍ୱାଇଁଙ୍କ ପୁଅ ବାହାଘରରେ ଯୋଗଦେଇ ପୁତ୍ର ଓ ପୁତ୍ରବଧୁଙ୍କୁ ଆଶ୍ରିର୍ବାଦ ଦେଇଥିଲେ। ବିଧାୟକ ଶ୍ରୀ ବେହେରାଙ୍କ ଏହି ଗସ୍ତ ସମୟରେ ପ ାୟତର ଶରତ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ସାହୁ, ସମିତିସଭ୍ୟା ପ୍ରମିଳା ମିଶ୍ର, ହୃଦାନନ୍ଦ ଲେଙ୍କା, ବସନ୍ତ କୁମାର ଯେନା, ନଗେନ୍ଦ୍ର ରାଉତ, ନିଗମ ଶେଖର ମହାନ୍ତିଙ୍କ ସମେତ ବହୁ ଶୁଭେଚ୍ଛୁ ଓ ସମର୍ଥକମାନେ ବିଦାୟକ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉ ରୀୟ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ।

# ବାକିଙ୍ଗିଆ ଗ୍ରାମରେ ଅଜଣା ରୋଗରେ ୫୦୦ରୁ ଉର୍ଦ୍ଧ୍ୱ ଛେଳିଙ୍କ ମୃତ୍ୟୁ : ଛେଳି ଚାଷୀଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲା

କନ୍ଧମାଳ, ୧୪/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ମଣ୍ଡାକିଆ ଗ୍ରାମ ପଂଚାୟତର ବାକିଙ୍ଗିଆ ଗ୍ରାମରେ ଅଜଣା ରୋଗରେ ୫୦୦ ରୁ ଉର୍ଦ୍ଧ୍ୱ ଛେଳି ମୃତ୍ୟୁକୁ ନେଇ ଗରିବ ଛେଳି ଚାଷୀ ହତାଶ ହୋଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଏହି ମଣ୍ଡାକିଆ ପଂଚାୟତର ବାକିଙ୍ଗିଆରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏମାନେ ଗରିବ ଶ୍ରେଣୀର ଲୋକ ହୋଇଥିବା ହେତୁ ମୂଲ ମଜୁରୀ କରି ଚଳିବା ସହିତ ଛେଳି ପାଳନ କରି ଗୁଜୁରାଣ ମେଂଟାଇଥାନ୍ତି। ସେହି ବାକିଙ୍ଗିଆ ଗ୍ରାମର କିଛି ଲୋକଙ୍କୁ ଛେଳି ଚାଷ କରିବା ନିମନ୍ତେ ବେସରକାରୀ ମାଧ୍ୟମ ଫାଉଣ୍ଡେସନ ନାମକ ଏକ ସଂସ୍ଥା କିଛି ଛେଳି ଦେଇଥିଲେ। ସେହି ଛେଳି ଗୁଡିକ ରୋଗୀଣା ହୋଇଥିବାରୁ ଗ୍ରାମରେ ନିଜର ଛେଳି ପାଳନ କରୁଥିବା ଅନ୍ୟ ଚାଷୀ ଙ୍କର ଛେଳି ଚରିବାକୁ ଯାଇ ମାଧ୍ୟମ ଫାଉଣ୍ଡେସନ ସଂସ୍ଥା ଦେଇଥିବା ରୋଗୀଣା ଛେଳି ମାନଙ୍କର ସଂସ୍ପର୍ଶରେ ଆସି ଅନ୍ୟ ଛେଳି ଗୁଡ଼ିକ ରୋଗାକ୍ରାନ୍ତ ହୋଇ ଗ୍ରାମରେ ବହୁତ ଲୋକଙ୍କର ୫୦୦ ରୁ ଉର୍ଦ୍ଧ୍ୱ ଛେଳି ଅଜଣା ରୋଗରେ ମରି ଯାଇଥିବା ବାକିଙ୍ଗିଆ ଗ୍ରାମର ସନାତନ ଦିଗାଲ ଓ ସ୍ମୃତିରେଖା ପ୍ରଧାନ, ଝାଙ୍କର ଦିଗାଲ ଗଣମାଧ୍ୟମ ଆଗରେ କହିଥିଲେ। ବାକିଙ୍ଗିଆ ଗ୍ରାମର ଭୂମିହୀନ ଛେଳି ଚାଷୀ ଝାଙ୍କର ଦିଗାଲ ୪୯ଟି ଛେଳି ପାଳନ କରିଥିବା ବେଳେ ସେଥି ମଧ୍ୟରୁ ଏହି ଅଜଣା ରୋଗରେ ୪୦ଟି ଛେଳି ମୃତ୍ୟୁ ହୋଇଥିବା ବେଳେ ସ୍ମୃତିରେଖା ପ୍ରଧାନ ଙ୍କର ୩୫ଟି ଛେଳିରୁ ୨୫ ଟି, ବୁଜୁଲି ପ୍ରଧାନଙ୍କର ୪୫ଟି ଛେଳିରୁ ୩୦, ଘନଶ୍ୟାମ ପ୍ରଧାନଙ୍କର ୪୦ଟି ଛେଳିରୁ ୩୦, ଲକ୍ଷ୍ମଣ ପ୍ରଧାନଙ୍କର ୫୯ଟି ଛେଳି ମଧ୍ୟରୁ ୩୫ଟି, ସୁଧାରାଣୀ ପ୍ରଧାନଙ୍କର୨୧ଟି ଛେଳିରୁ୧୩ ଗୋଟି, ସନାତନ ଦିଗାଲଙ୍କର ୨୫ଟି ଛେଳି ମଧ୍ୟରୁ ୩ଟି, ରୁବି ପ୍ରଧାନଙ୍କର ୧୦ଟି ରୁ ୬ଟି, ଚନ୍ଦ୍ରମା ପ୍ରଧାନଙ୍କର ୧୦ ଟିରୁ ୮ଟି, ଉତମ ପ୍ରଧାନଙ୍କର ୨୮ ଗୋଟି ଛେଳି ମୃତ୍ୟୁ ହୋଇଛି। ବାକିଙ୍ଗିଆ ଅଂଚଳରେ ଅନ୍ୟ ଚାଷୀ ମାନଙ୍କର ବହୁତ ଛେଳି ମୃତ୍ୟୁ ହୋଇଛି ହେଲେ ସଠିକ ଖବର ଜଣାପଡି ନାହିଁ।

ରାଇକିଆ ଠାରେ ଥିବା ବେସରକାରୀ ମାଧ୍ୟମ ଫାଉଣ୍ଡେସନ ସଂସ୍ଥା ଏକ ମିନି ଟ୍ରକରେ ଅନ୍ୟ ଜିଲ୍ଲାରୁ କେତେ ଗୁଡ଼ାଏ ଛେଳି ଆଣି ଗ୍ରାମବାସୀଙ୍କୁ ବାଂଟି ଥିଲା। ସେହି ଛେଳି ବଂଟନର କିଛି ଦିନ ପରେ ସେହି ଗ୍ରାମରେ ଛେଳି ମାନଙ୍କ ନାକରୁ ସିଂଘାଣୀ ବାହାରି ତରଳ ଝାଡା ହେବା ସହ ଛେଳି ଗୁଡ଼ିକ ଖାଇବା ପିଇବା ଛାଡି ଦେଲେ ଏବଂ ରୁଗ୍ଣ ହୋଇ ଗୋଟାକ ପରେ ଗୋଟାଏ ମରିବା ଆରମ୍ଭ କଲେ। ଗ୍ରାମରେ ହଠାତ ଛେଳି ମାନଙ୍କର ମୃତ୍ୟୁ ହେଉଥିବା ଖବର ପାଇ ରାଇକିଆ ବ୍ଲକ ପଶୁ ଚିକିତ୍ସା ଅଧିକାରୀ ସେହି ଅଂଚଳକୁ ଯାଇ ରୋଗ ପ୍ରତିରୋଧକ ଭେକ୍ସିନ ଦେଇ ଚିକିତ୍ସା କରିଥିଲେ ମଧ ଅନ୍ୟ ଚାଷୀ ମାନଙ୍କ ଛେଳି ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହି ଗରିବ ଛେଳି ଚାଷୀ ମାନେ ମୂଲ ମଜୁରୀ ପରିଶ୍ରମରେ ପେଟ ପୁରୁନଥିବାରୁ ଛେଳି ଚାଷ କରି ପିଲା ଛୁଆଙ୍କୁ ପାଠ ପଢ଼ାଇବା ସହିତ ଝିଅ ବାହାଘର, ସ୍ୱାସ୍ଥ୍ୟ ଏବଂ ଜରୁରୀ ପରିସ୍ଥିତିରେ ଆବଶ୍ୟକ ହେଉଥିବା ଆର୍ଥିକ ସମସ୍ୟାର ସମାଧାନ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଗୋଟିଏ ଗୋଟିଏ ଛେଳିର ମୂଲ୍ୟ ୧୫ ହଜାର ୨୦ ହଜାର ଟଙ୍କାରୁ ଅଧିକ। ଜଣେ ଜଣେ ଚାଷୀଙ୍କର ୨ ଲକ୍ଷ- ୩ ଲକ୍ଷରୁ ଅଧିକ ଟଙ୍କାର ଛେଳି ମୃତ୍ୟୁ ହୋଇଛି। ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା ଯୋଗୁଁ ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି । ଏହି ଛେଳି ଚାଷୀ ମାନଙ୍କର ଯେଉଁ ମାନଙ୍କର ଛେଳି ଅଜଣା ରୋଗରେ ମୃତ୍ୟୁ ହୋଇଛି ସେହି ଚାଷୀ ମାନଙ୍କୁ ସରକାର କ୍ଷତିପୂରଣ ଦିଅନ୍ତୁ ଏବଂ ଅନ୍ୟ ଚାଷୀ ମାନଙ୍କର ଛେଳି ଗୁଡ଼ିକ ମୃତ୍ୟୁ ନହେଉ ସେଥିପ୍ରତି ଦୃଷ୍ଟି ଦେଇ ପଶୁ ଚିକିତ୍ସା ବିଭାଗ ଉପଯୁକ୍ତ ଚିକିତ୍ସା କରିବା ନିମନ୍ତେ ବାକିଙ୍ଗିଆ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ସରକାରଙ୍କ ଠାରୁ କିପରି କ୍ଷତିପୂରଣ ପାଇପାରିବେ ଗଣମାଧ୍ୟମକୁ କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୭ ପର୍ଯ୍ୟନ୍ତ ୟେଦୁରପ୍ପା...

ହୋଇପାରିବେନି ବୋଲି ହାଇକୋର୍ଟ କହିଛନ୍ତି। ଆଜି ୟେଦୁରପ୍ପାଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁଣାଣି ସମୟରେ ଜଷ୍ଟିସ ଏସ୍ କ୍ରୀଷ୍ଣା ଦିକ୍ଷିତ ୟେଦୁରପ୍ପାଙ୍କ ଗିରଫ ଆବଶ୍ୟକତା ଉପରେ ପ୍ରଶ୍ନ କରିଥିଲେ ଏବଂ କହିଥିଲେ, ସେ କୌଣସି ମାମୁଲି ବ୍ୟକ୍ତି ନୁହନ୍ତି ଯେ ଦେଶ ଛାଡ଼ି ପଳାଇବେ। ପୋକ୍ସୋ ମାମଲାରେ ଗତକାଲି ୟେଦୁରପ୍ପାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା ବେଳେ ଆଜି କୋର୍ଟ ୟେଦୁରପ୍ପାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୟେଦୁରପ୍ପାଙ୍କ ବିରୋଧରେ ଜଣେ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଚଳିତ ବର୍ଷ ଫେବ୍ରୁଆରିରେ ୟେଦୁରପ୍ପା ତାଙ୍କ ବେଙ୍ଗାଲୁରୁ ସ୍ଥିତ ଡଲାର୍ସ କଲୋନି ବାସଭବନରେ ତାଙ୍କ ୧୭ ବର୍ଷୀୟ ନାବାଳିକା ଝିଅକୁ ଯୌନ ନିର୍ଯାତନା ଦେଇଥିଲେ। ଏନେଇ ୟେଦୁରପ୍ପାଙ୍କ ବିରୋଧରେ ପୋକ୍ସୋ ଏବଂ ଆଇପିସିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାରା ଅଧୀନରେ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ୟେଦୁରପ୍ପା ଏହି ମାମଲାରେ ଆଗୁଆ ଜାମିନ ପାଇଁ ଆବେଦନ କରିବା ସହ ତାଙ୍କ ବିରୋଧରେ ଏହି ମାମଲାରେ ରୁଜୁ କରାଯାଇଥିଲା। ୟେଦୁରପ୍ପା ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିବା ସହ ଏହି 'ଷଡ଼ଯନ୍ତ୍ର'ର ଆଇନଗତ ମୁକାବିଲା କରିବେ ବୋଲି କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗିରଫ କରିବା ପାଇଁ ଯୋଜନା କରାଯାଇଥିବା ବିଜେପି ଅଭିଯୋଗ କରିଥିବା ବେଳେ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି।

### ଯୁବକଙ୍କୁ ପିଟି ...

ସେମାନେ ପୂର୍ବରୁ ମଧ ତାଙ୍କ ଭାଇଙ୍କୁ ପିଟି ଥିଲେ। ଗତକାଲି ସେ ଗାଧୋଇ ଘରକୁ ଆସୁଥିବା ବେଳେ ତ୍ରିନାଥ ନାଥ, ତାଙ୍କ ପୁଅ ସୁମନ୍ତ ନାଥ ଓ ସୁମନ୍ତ ପତ୍ନୀ ମାମି ନାଥ ତାଙ୍କୁ ଠେଙ୍ଗାରେ ପିଟିଥିଲେ। ତାଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲଗିଥିଲା ଓ ସେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ପରଜଙ୍ଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଜମିବାଡ଼ି ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅଚ୍ୟୁତାନନ୍ଦଙ୍କ ବଡ଼ ଭାଇ ନିରାକାର ନାଥ କହିଛନ୍ତି।

### ପାନ ପତ୍ର ବୋଝେଇ ପିକ୍ଅପ୍ ଭ୍ୟାନ୍ ...

ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କାକଟପୁର ପୁଲିସ ଦୁର୍ଘଟଣାଗ୍ରସ୍ତ ପିକ୍ଅପ୍ ଭ୍ୟାନ୍କୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ପିକ୍ଅପ୍ ଭ୍ୟାନ୍ଟି ଦ୍ରୁତଗତିରେ ଯାଉଥିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ବୋଲି କୁହାଯାଉଛି।

# ଖଣିଜ ସମ୍ପଦ ପରିଚାଳନା ନିମିତ ଉପଖଣ୍ଡ ସ୍ତରୀୟ ବୈଠକ

କେନ୍ଦ୍ରାପଡା, ୧୪/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ଖଣିଜ ସମ୍ପଦ ପରିଚାଳନା ପାଇଁ ଉପଖଣ୍ଡ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଉପ ଜିଲ୍ଲାପାଳ ତଥା ଖଣିଜ ସମ୍ପଦ ବିଭାଗର ଅଧ୍ୟକ୍ଷ ରବିନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ଖଣିଜ ସମ୍ପଦ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆ, ଜିଲ୍ଲା ଜଳ ସେଚନ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ପାରାଦ୍ୱୀପ ଖଣିଜ ସମ୍ପଦ ଅଧିକାରୀ ଅଲେଖ ଚନ୍ଦ୍ର ଖଟୁଆ, ରାଜନଗର ଏସିଏଫ ପୁନମହୀରା ହାନସଦା, କେନ୍ଦ୍ରାପଡା ବନ ଅଧିକାରୀ ସୁକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ତଥା ବାଲି, ଚେମନୀ ଭାଟି ଇଟା ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ପରିଚାଳନା ନିମିତ ପାଇଁ ବୈଠକ ଅନୁଷ୍ଠିତ ହେବା ସହିତ ଆଗାମୀ କାର୍ଯ୍ୟପନ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା । ଏହା ସହ ଜିଲ୍ଲାର ବିଭିନ୍ନ ବାଲି ଖାଦାନରୁ ବେଆଇନ ଭାବେ ବାଲି ଉଠାଣ ଓ ଅନୁମତି ନନେଇ ଚେମନୀ ଇଟା ତିଆରି କରୁଥିବା ଭାଟି ବିରୋଧରେ ପଦକ୍ଷେପ ନେବା ଆଲୋଚନା କରାଯାଇଥିଲା ।

# ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

କେନ୍ଦ୍ରାପଡା, ୧୪/୬ (ନି.ପ୍ର): ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ କେନ୍ଦ୍ରାପଡ଼ା ବହୁ ପ୍ରାକୃତିକ ବିପର୍ଯ୍ୟୟକୁ ବାରମ୍ବାର ସାମନା କରିଆସିଛି। ତେଣୁ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ମରୁଡ଼ିକୁ ଦୃଷ୍ଟିରେ ରଖି ଏହାର ସଫଳ ମୁକାବିଲା ନିମନ୍ତେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବ ନିର୍ବାଚିତ ବିଧାୟକ ଅରବିନ୍ଦ ମହାପାତ୍ର, ଗଣେଶ୍ୱର ବେହେରା, ଧ୍ରୁବ ଚରଣ ସାହୁ, ଦୁର୍ଗା ପ୍ରସନ ନାୟକଙ୍କ ସମେତ ସମସ୍ତ ବ୍ଲକ୍ ଓ ମୁନିସିପାଲିଟିର ଚେୟାରମ୍ୟାନ୍, ଜନ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ପଲ୍ଲବୀ ପାତ୍ର, ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ଡିପାର୍ଟମେଂଟ୍ର ଅଧିକାରୀ, ଅଗ୍ନିଶମ ବିଭାଗ, ଭାଗୀଦାର ନୋଡାଲ ଏନ୍ଜିଓର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ। ନବ ନିର୍ବାଚିତ ବିଧାୟକ ମାନେ କହିଥିଲେ, "ଆମେ ଭିନ୍ନ ଭିନ୍ନ ଦଳରେ ରାଜନୀତି କରୁଛୁ ସତ, କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମେ ସମସ୍ତେ ଏକ। ଆମେ ସଂଘବଦ୍ଧ ଭାବେ ଜିଲ୍ଲା ପ୍ରଶାସନ ସହ ହାତରେ ହାତ ମିଶାଇ ବିପର୍ଯ୍ୟୟର ମୁକାବିଲା କରିବୁ।" ଜିଲ୍ଲାପାଳ ଶ୍ରୀଯୁକ୍ତ ବିକାଶ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ କହିଥିଲେ, "ପ୍ରାକୃତିକ ବିପର୍ଯ୍ୟୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନାହିଁ। ବରଂ ସଫଳତାର ସହ ମୁକାବିଲା ପାଇଁ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଏପରି ଶାଣିତ କର ଯେପରି ବିପର୍ଯ୍ୟୟ ବେଳେ ସର୍ବନିମ୍ନ ସମୟ ମଧ୍ୟରେ ସର୍ବାଧିକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ କରିହେବ। ରାଜ୍ୟ ସରକାରଙ୍କ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟକୁ ହାସଲ କରିବା ପାଇଁ ସମସ୍ତଙ୍କ ସହଯୋଗ ପାଇଁ ବୈଠକରେ ଆହ୍ୱାନ ଜଣାଇଥିଲେ ଜିଲ୍ଲାପାଳ।" ସୂଚନାଯୋଗ୍ୟ, ଜିଲ୍ଲାରେ ରହିଛି ୧୨୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ। ମୋଟ୍ ୫୧ଟି ପାୱାର୍ ବୋଟ୍ ଥିବା ବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି ଜିଲ୍ଲା ପ୍ରଶାସନ। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାର ସମସ୍ତ ବ୍ଲକ୍ ମୁଖ୍ୟାଳୟ ଓ ଦୁଇଟି ମୁନିସିପାଲିଟିକୁ ମିଶାଇ ମୋଟ୍ ୧୧ଟି ଜୋନ୍ ଗଠନ କରାଯାଇଛି। ଏହି ୧୧ଟି ଜୋନ୍ ଅଧିନରେ ରହିଛି ମୋଟ୍ ୧୬୩ଟି ଉପଜୋନ୍। ୫୮୦୩ ପ୍ୟାକେଟ୍ ଏବଂ ୪୭୩ ଖଣ୍ଡ ପଲିଥିନ୍ ରୋଲ୍ ମହଜୁଦ୍ ରହିଛି। ଆବଶ୍ୟକତା ଅନୁସାରେ ଜେନେରେଟର୍, ଆସ୍କାଲାଇଟ୍, ଗଛକଟା ମେସିନ୍ ଆଦି ରଖାଯାଇଛି। ଗୃହପାଳିତ ପଶୁଙ୍କ ପାଇଁ ଟୀକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ଆବଶ୍ୟକ ପରିମାଣର ଚୂଡ଼ା ମହଜୁଦ ରଖିବାକୁ ଜିଲ୍ଲା ବେସାମରିକ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶୁଦ୍ଧ ପାନୀୟଜଳ ପାଇଁ ଆବଶ୍ୟକ ପରିମାଣର କ୍ଲୋରିନ୍ ବଟିକା ବା ଟାଙ୍କି ଥିବା ସ୍ଥାନରେ କ୍ଲୋରିନ୍ ଯୁକ୍ତ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ମରାମତି, ଜଳ ନିଷ୍କାସନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଆସନ୍ତା ଜୁନ୍ ୧୮ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜନ ହେବାକୁ ଚୂଡ଼ାନ୍ତ ହୋଇଥିବା ବେଳେ ଜୁନ୍ ୧୯ ତାରିଖରେ ସମସ୍ତ ବ୍ଲକ୍ ମୁଖ୍ୟାଳୟ ଏବଂ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍ କରାଯିବ। ଶେଷରେ ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନିଷ୍ପତ୍ତିକୁ କଂଗ୍ରେସର ସ୍ୱାଗତ

ଭୁବନେଶ୍ୱର, ୧୪/୬ (ନି.ପ୍ର): ରାଜ୍ୟ ସରକାର ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନିଷ୍ପତିକୁ ସ୍ୱାଗତ ଜଣାଇ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦୀର୍ଘଦିନ ଧରି କଂଗ୍ରେସ ଦଳ ପକ୍ଷରୁ ଶ୍ରୀ ଜିଉମାନଙ୍କ ଦର୍ଶନ ପାଇଁ ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଜଣାଇବା ସହ ବାରମ୍ବାର ଆନ୍ଦୋଳନ କରିଆସୁଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଗଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୁରୀରେ ଏକ ବିଶାଳ ଆନ୍ଦୋଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାରିଦ୍ୱାର ଖୋଲିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବା ସହ ପ୍ରତି ବ୍ଲକରୁ ତୁଳସୀ ସଂଗ୍ରହ କରାଯାଇ ଭୁବନେଶ୍ୱରରୁ ତୁଳସୀ ଯାତ୍ରା ପୁରୀ ଅଭିମୁଖେ ଯାଇ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥିଲା। କିନ୍ତୁ ତତ୍କାଳୀନ ସରକାର ଏହି ଦାବିକୁ ଭୃକ୍ଷେପ ନକରିବା କାରଣରୁ ଏ ସରକାରକୁ ମହାପ୍ରଭୁ ପତନ ଘଟାଇଲେ। ଆଜିର ସରକାର ନେଇଥିବା ନିଷ୍ପତି କଂଗ୍ରେସର ଦୀର୍ଘଦିନର ଆନ୍ଦୋଳନ ଓ ଦାବିର ପ୍ରତିଫଳନ ବୋଲି ଶ୍ରୀ ରାୟ କହିଛନ୍ତି। ଶ୍ରୀ ରାୟ ଆହୁରିମଧ କହିଛନ୍ତି ଯେ ଦେଶ ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଆସିବାପରେ ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଖାଉଟିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଲ, କ୍ଷୀର, ଡାଲି ଇତ୍ୟାଦି ଅନେକ ସାମଗ୍ରୀର ଦରବୃଦ୍ଧି କାରଣରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ଦରଦାମକୁ ନିୟନ୍ତ୍ରଣ କରିବାପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାପାଇଁ ଶ୍ରୀ ରାୟ କହିଛନ୍ତି।

# ସରକାରୀ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ; ୫ ଜଣ ଯାତ୍ରୀ ଗୁରୁତର

ଭଂଜନଗର, ୧୪/୬ (ନି.ପ୍ର): ରାଜ୍ୟ ପରିବହନ ବିଭାଗ ଦ୍ୱାରା ପରିଚାଳିତ 'ଓଏସ୍ଆରଟିସି'ର ଏକ ଯାତ୍ରୀବାହୀ ବସ୍ ଶୁକ୍ରବାର ରାତିରେ ଗଂଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅଧୀନ ବାଣତୁମ୍ବ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୫ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ 'ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ'ର ଏକ ବସ୍ ଭୁବନେଶ୍ୱରରୁ ବାହାରି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଭିମୁଖେ ଯାଉଥିଲା। ରାତି ପ୍ରାୟ ସାଢ଼େ ୯ଟି ବେଲଗୁଣ୍ଠା ଅତିକ୍ରମ କଲା ପରେ ବାଣତୁମ୍ବ ଗାଁ ନିକଟରେ ଦୁର୍ଘଟଣାର ସାମ୍ନା କରିଥିଲା। ବସ୍ର ଚାଳକ ଭାରସାମ୍ୟ ହରାଇ ରାସ୍ତାକଡ଼ର ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ୫ ଜଣ ଯାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣା ନେଇ ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା।


## ପ୍ରଧାନମନ୍ତ୍ରୀ ଭାରତୀ ଜନ ଔଷଧୀ କେନ୍ଦ୍ରାପଡା ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ: **COM / G.18 / NFR / PMBJK / BLS / 24/1, Dt: 13.06.2024** ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ଶ୍ରୀ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର ଡିଭିଜନ୍ ବାଲେଶ୍ୱର ରେଳ ଷ୍ଟେସନରେ ପ୍ରଧାନ ମନ୍ତ୍ରୀ ଭାରତୀୟ ଜନତା କେନ୍ଦ୍ର (PMBJK) ଆଉଟଲେଟ୍ ଚୁକ୍ତି ପାଇଁ ଇ-ନିଲାମକୁ ଆମନ୍ତ୍ରଣ କରିଛି । ବର୍ଷଗୁଡିକ ଯାହା IREPS ୱେବସାଇଟ୍ ର **http://www.ireps.gov.in** ଇ-ନିଲାମ ଲିଜ୍ ମଡ୍ୟୁଲ୍ରେ ସୂଚିତ ।

| ବର୍ଗ | ନିଲାମ କାଟାଲଗ୍ ନଂ | ନିଲାମର ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ସମୟ |
|---|---|---|---|---|
| PMBJK | PMBJK-BLS-24-1 | ୨୮.୦୬.୨୦୨୪ | ୧୧.୩୦ ଘ । | ୧୨.୦୦ ଘ । |

ରେଳ ଷ୍ଟେସନ ପରିଦର୍ଶନ କରୁଥିବା ଯାତ୍ରୀମାନଙ୍କ ସୁସ୍ଥତା ଏବଂ କଲ୍ୟାଣ ପାଇଁ ପ୍ରଧାନ ମନ୍ତ୍ରୀ ଭାରତୀ ଜନଔଷଧି କେନ୍ଦ୍ର (PMBJK) ଆଉଟଲେଟ୍ ପ୍ରତିଷ୍ଠା ପାଇଁ ରେଳ ମନ୍ତ୍ରଣାଳୟ ୨୦୨୪ ର ୨୦୨୪ ଏବଂ ୧୨ ର ବାଣିଜ୍ୟିକ ସର୍କୁଲାର ୦୩ ଜାରି କରିଛି। ବାଲେଶ୍ୱର ରେଳ ଷ୍ଟେସନରେ PMBJK ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ହେଉଛି: (K) ସୁଲଭ ମୂଲ୍ୟରେ ଉପଲବ୍ଧ ଗୁଣବ । ଔଷଧ ଏବଂ ଉପଯୋଗୀ ସାମଗ୍ରୀ (ଜନଔଷଧୀ ଉତ୍ପାଦ) ଉପଲବ୍ଧ କରାଇବା ପାଇଁ ଭାରତ ସରକାରଙ୍କ ମିଶନକୁ ପ୍ରୋତ୍ସାହିତ କରନ୍ତୁ । (L) ରେଳ ଷ୍ଟେସନରେ ଯାତ୍ରୀ / ପରିଦର୍ଶକଙ୍କୁ ଜାନୁଶାଡି ଉତ୍ପାଦକୁ ସହଜରେ ପ୍ରବେଶ କରିବାକୁ ସକ୍ଷମ କରନ୍ତୁ । (M) ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ସମାଜର ସମସ୍ତ ବିଭାଗ ମଧ୍ୟରେ ସୁସ୍ଥତା ଏବଂ କଲ୍ୟାଣ ବୃଦ୍ଧି କରନ୍ତୁ । (d) ରୋଜଗାରର ସୁଯୋଗ ସୃଷ୍ଟି କରନ୍ତୁ ଏବଂ PMBJKs ଖୋଲିବା ପାଇଁ ଉଦ୍ୟୋଗୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତୁ । **PMBJK ର ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ମାନଦଣ୍ଡ:** PMBJK ର ସମ୍ଭାବ୍ୟ ବିଡରମାନେ ନିମ୍ନରେ ଦିଆଯାଇଥିବା PMBJK ର କାର୍ଯ୍ୟକାରିତା ପାଇଁ ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡକୁ ପୂରଣ କରିବା ଆବଶ୍ୟକ: ବ୍ୟକ୍ତିଗତ ଆବେଦନକାରୀମାନେ **D.Pharma / B.Pharma** ଡିଗ୍ରୀ ଥିବା ଆବଶ୍ୟକ । **D.Pharma / B.Pharma** ଡିଗ୍ରୀ ଧାରକମାନଙ୍କୁ ନିଯୋଜିତ କରିବାକୁ ପଡିବ ଏବଂ ଇ-ନିଲାମ ମଡ୍ୟୁଲରେ ସମାନ ଅପଲୋଡ୍ କରିବାକୁ ପଡିବ। କିମ୍ବା ଯେକୌଣସି ସଂସ୍ଥା, ଜନଔଷଧୀ କେନ୍ଦ୍ର ପାଇଁ ଆବେଦନ କରୁଥିବା ଏନଜିଓକୁ **B.Pharma / D.Pharma** ଡିଗ୍ରୀଧାରୀଙ୍କୁ ନିଯୋଜିତ କରିବାକୁ ପଡିବ ଏବଂ ଇ-ନିଲାମ ମଡ୍ୟୁଲରେ ସମାନ ଅପଲୋଡ୍ କରିବାକୁ ପଡିବ । ଇଚ୍ଛୁକ ହିତାଧିକାରୀ / ଆଶାକର୍ମୀ ବିଡରମାନେ ଏହା ଉପରେ ଧ୍ୟାନ ଦେବା ଏବଂ (i) ଅବସ୍ଥାନ, (ii) ଚୁକ୍ତିନାମାର ସ୍ୱତନ୍ତ୍ର ସ ର୍ତ, (iii) ସଂପୃକ୍ତ ନୀତି, (iv) କାର୍ଯ୍ୟର ପରିସର, (v) ର ସବିଶେଷ ବିବରଣୀ ପାଇଁ ଉପରୋକ୍ତ ୱେବସାଇଟ୍ ମାଧ୍ୟମରେ ଯିବା । ଚଗଇଓ ଗାଇଡଲାଇନ, (vi) ଇ-ନିଲାମ ସମୟରେ ବିଡରଙ୍କ ଦ୍ୱାରା ଅପଲୋଡ୍ ହେବାକୁ ଥିବା ଆଫିଡେଭିଟ୍, (vii) PMBJK ଚଳାଇବା ପାଇଁ ଲାଇସେନ୍ସ ପ୍ରଦାନ, (vii) ମଡେଲ୍ ଦ୍ୱି-ପାର୍ଟୀ ଏକୀକରଣ (PMBI ସହିତ ସଫଳ ବିଡରଙ୍କ ଦ୍ୱାରା ଦସ୍ତଖତ ହେବା), (ix) ଅନ୍ୟାନ୍ୟ ଇ-ନିଲାମ ମୋଡାଲିଟି ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା। ଅଧିକ ପ୍ରଶ୍ନ / ସ୍ପଷ୍ଟୀକରଣ ପାଇଁ, ଦୟାକରି ସିନିୟର ଡିଭିଜନାଲ ବାଣିଜ୍ୟିକ ପରିଚାଳକ, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳ, ରାଜ୍ୟ - ପଶ୍ଚିମବଙ୍ଗ, ଜିଲ୍ଲା - ପଶ୍ଚିମ ମେଦିନୀପୁର, ଖଡ଼ଗପୁର -୭୨୧୩୦୧ ଅଫିସ୍ ସମୟରେ ଯୋଗାଯୋଗ କରନ୍ତୁ କିମ୍ବା ମୋବାଇଲ୍ ନମ୍ବର - ୭୫୯୫୦୭୪୭୧୬ରେ ଯୋଗାଯୋଗ କରିପାରିବେ । (ମୁଖ୍ୟ ବାଣିଜ୍ୟିକ ଇନ୍ସପେକ୍ଟର / Sr.DCM କାର୍ଯ୍ୟାଳୟ) ।

ସ୍ଥାନ: ଖଡ଼ଗପୁର
ତାରିଖ: ୧୩.୦୬.୨୦୨୪

**ଶ୍ରୀ ବିଭାଗୀୟ ବାଣିଜ୍ୟ ପରିଚାଳକ / ଖଡ଼ଗପୁର**

(PR-254)

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହସିବା ସହିତ ସେବା କରୁ ।


# ଆଓମା ଗୁରୁକୁଳ ଅନ୍ତେବାସୀ ନିଆରା ଢଙ୍ଗରେ ପାଳିଲେ ରଜ ଉତ୍ସବ



ମାଲକାନଗିରି, ୧୪/୬ (ନି.ପ୍ର): ମାଟି ଓ ମଣିଷର ନିବିଡ ସଂପର୍କ ବସୁଧା ମା'ର ଆରାଧନା ପର୍ବ ହେଉଛି ରଜଉତ୍ସବ। ଏହା ଏକ ମହାନ କୃଷିଭିତିକ ପର୍ବ ହୋଇଥିବାରୁ ଉପକୂଳବର୍ତ୍ତି ଅଚଂଳବାସୀଙ୍କ ପରି ଏବେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଡମ୍ବର ସହକାରେ ଆଜିଠାରୁ ତିନିଦିନ ଧରି ପାଳନ ହେଉଛି ରଜପର୍ବ। ଶୁକ୍ରବାର ଥିଲା ପହିଲି ରଜ ପର୍ବ। ମାଲକାନଗିରି ସଦର ମହକୁମାସ୍ଥିତ ଅଲ ଓଡିଶା ମାର୍ଶାଲ ଆର୍ଟ ଏକାଡେମୀ(ଆଓମା) ଗୁରୁକୁଳର ଅନ୍ତେବାସୀ ଓଡିଆର ପରମ୍ପରାକୁ ବଞ୍ଚାଇବା ପାଇଁ ନିଆରା ଢଙ୍ଗରେ ପାଳିଛନ୍ତି ରଜପର୍ବ। ଗଛରେ ଦୋଳି ଲଗାଇ ଝିଅ ପିଲାମାନେ ଦୋଳିଖେଳିବା ସହ ସେମାନଙ୍କୁ ନେଇ ପୁଚି ପ୍ରତିଯୋଗିତା ଓ ପୁଅ ପିଲାମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନେ ରଜ ପର୍ବର ଗୀତର ତାଳେ ତାଳେ ନୃତ୍ୟକରିଥିଲେ ଓ ଓଡିଆର ପାରମ୍ପାରିକ ପୋଡପିଠା, ମଣ୍ଡାପିଠା, ଆମ୍ବ, ପଣସ ନିଜ ନିଜ ମଧ୍ୟରେ ଖାଇଥିଲେ।ପର୍ବ ପର୍ବାଣୀ ଗୁଡିକୁ ଭୁଲିଯାଉଥିବା ବେଳେ ଆଓମା ଗୁରୁକୁଳର କୁନି କୁନି ଛାତ୍ରଛାତ୍ରୀମାନେ ଏହାକୁ ନ ଭୁଲି ଓଡିଆର ପରମ୍ପରା ଅନୁସାରେ ୩ ଦିନ ଯାକ ରଜ ପର୍ବ ପାଳନ କରିବା ସହିତ ଓଡିଆର ସମସ୍ତ ପରମ୍ପରା, ପର୍ବ ପର୍ବାଣିଗୁଡିକୁ ପାଳନ କରିବା ପାଇଁ ଶପଥ ନେଇଥିଲେ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ବିଭିନ୍ନ ଦୁର୍ଗମ ଅପହଁଚ ଇଲାକାର ବାପା ଓ ମା' ଛେଉଣ୍ଡ ଅନାଥ ପିଲାମାନେ ଏହି ଆଓମା ଗୁରୁକୁଳରେ ରହି ଅଧ୍ୟୟନ କରିବା ସହ ଆତ୍ମରକ୍ଷା କୌଶଳ ସହ ଜୁଡୋ ତାଲିମ ନେଇ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି ।ସେମାନେ ଯେପରି ନିଜକୁ ଅନାଥ ବୋଲି ନଭାବିବେ ତେଣୁ ସେମାନଙ୍କ ସାଥିରେ ଆଓମା ଗୁରୁକୁଳର ପ୍ରତିଷ୍ଠାତା ବିନାଶ କୁମାର ମିଶ୍ର ଓ ଅଲଓଡିଶା ମାର୍ଶଲ ଆର୍ଟ ଏକାଡେମୀର ସଭାପତି ରତ୍ନାକର ଦାଶ ଉପସ୍ଥିତ ରହି ରଜ ଉତ୍ସବ ମନାଇଛନ୍ତି।

# ଝାଡଖଣ୍ଡରେ ଓଡ଼ିଆ ଭାଷା ପ୍ରତି ଅବହେଳା ନେଇ ରାଷ୍ଟ୍ରପତିଙ୍କୁ ଦାବିପତ୍ର



ରାଇରଙ୍ଗପୁର, ୧୪/୬ (ନି.ପ୍ର): ପଡ଼ୋଶୀ ଝାଡଖଣ୍ଡରେ ଓଡ଼ିଆ ଭାଷା ପ୍ରତି ଅବହେଳା ନେଇ ମେଘାଚ୍ଛନ୍ନ ସାହିତ୍ୟ ସଂସଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଜାମଦା ଅଂଚଳରୁ ପ୍ରକାଶିତ ହେଉଥିବା ମେଘାଚ୍ଛନ୍ନ ସାହିତ୍ୟ ପତ୍ରିକାର ସଭାପତି ତଥା ମୁଖ୍ୟ ସମ୍ପାଦକ ବିକାଶ ନାୟକ ଓ ସହ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ଝାଡଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଓ ପଶ୍ଚିମ ସିଂହଭୂମିରେ ବନ୍ଦ ହୋଇଥିବା ଓଡ଼ିଆ ସ୍କୁଲ ପୁନଃ ଖୋଲାଯିବା ଏବଂ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ଦାବି କରିଛନ୍ତି। ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ମିଳିଥିଲେ ମଧ ଓଡ଼ିଆ ଭାଷାକୁ ଝାଡଖଣ୍ଡ ସରକାର ବିଲୁପ୍ତ କରିଦେବା ପାଇଁ ଷଡଯନ୍ତ୍ର କରୁଛନ୍ତି। ପୂର୍ବ ସିଂହଭୂମିରେ ଓ ପଶ୍ଚିମ ସିଂହଭୂମି ରେ ଓଡ଼ିଆ ସ୍କୁଲ ବନ୍ଦ ହୋଇଗଲାଣି। ଏ ସବୁ ପ୍ରସଙ୍ଗ ନେଇ ବାରମ୍ବାର ସରକାରଙ୍କୁ ଅଭିଯୋଗ କରିଥିଲେ ମଧ କେହି କାର୍ଯାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଉକ୍ତ ରାଜ୍ୟରେ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ନାତକ ଏବଂ ସ୍ନାତକୋତ୍ତର ଅଧ୍ୟୟନ କରିବା ପାଇଁ ଅନୁମତି ଦିଆଯିବା ସହିତ ଓଡ଼ିଆ ପ୍ରଫେସର ନିଯୁକ୍ତି ଏବଂ ଓଡ଼ିଆ ଭାଷାରେ ଅଧ୍ୟୟନ କଲେ ଅଧିକ ଅର୍ଥରାଶିର ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ସଂସଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବି କରାଯାଇଛି ।

ଶନିବାର, ଜୁନ୍ ୧୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କୁଏତରୁ ୪୫ ମୃତଦେହ ନେଇ କେରଳରେ ପହଞ୍ଚିଲା ବାୟୁସେନା ବିମାନ

ନୂଆଦିଲ୍ଲୀ, ୧୪/୬ : କୁଏତରେ ପ୍ରାଣ ହରାଇଥିବା ୪୫ ଜଣ ଭାରତୀୟଙ୍କ ମୃତଦେହ ନେଇ କେରଳରେ ପହଞ୍ଚିଲା ବାୟୁସେନା ବିମାନ। ଆଜି ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ସମସ୍ତ ମୃତଦେହକୁ ନେଇ କେରଳରେ ପହଞ୍ଚିଛି। ସୂଚନା ଅନୁସାରେ, ଆଜି ସକାଳ ପ୍ରାୟ ୧୦.୩୦ ସମୟରେ କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି ମୃତଦେହ ନେଇ ଆସିଥିବା ବାୟୁସେନା ବିମାନ। ଏନେଇ କେନ୍ଦ୍ରମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ ସ୍ପଷ୍ଟ କରିଛନ୍ତି। ସେପଟେ, ବିମାନ ଅବତରଣ କରିବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟାନ କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ। ଏହାପୂର୍ବରୁ କୋଚିନ୍ ବିମାନ ବନ୍ଦରରେ ପୋଲିସ ଏବଂ ଆମ୍ବୁଲାନ୍ସ ଦଳ ମଧ୍ୟ ନିୟୋଜିତ ହୋଇଥିଲା।ପ୍ରକାଶ ଥାଉକି, ବୁଧବାର ରାତିରେ କୁଏତରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏକ ଛଅ ମହଲା କୋଠାରେ ନିଆଁ ଲାଗିଯିବାରୁ ୪୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪୫ ଜଣ ଭାରତୀୟ ଥିବାବେଳେ ସର୍ବାଧିକ କେରଳର ଲୋକ ଅଛନ୍ତି।ସମସ୍ତ ମୃତକମାନଙ୍କ ବୟସ ୨୦ରୁ ୫୦ ବର୍ଷ ହେବ ବୋଲି କୁହାଯାଉଛି। ସମସ୍ତେ ଶୋଇଥିବା ସମୟରେ ରୋଷେଇ ଘରୁ ନିଆଁ ଲାଗି ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା। ମୃତକମାନେ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ।



# ଜମ୍ମୁ-କଶ୍ମୀର ସୁରକ୍ଷା ସ୍ଥିତି ସମୀକ୍ଷା କଲେ ଅମିତ ଶାହ, ୧୬ରେ ଡାକିଲେ ଜରୁରୀ ବୈଠକ

ନୂଆଦିଲ୍ଲୀ, ୧୪/୬ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ଉପତ୍ୟକାରେ ଦିନକୁ ଦିନ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି। ନିକଟରେ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ବସ ଉପରେ ଆତଙ୍କବାଦୀ ଆକ୍ରମଣ କରିଥିଲେ। ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏଥିପାଇଁ ଆଜି ଶ୍ରୀ ଶାହ ବରିଷ୍ଠ ଅଧିକାରୀମାନଙ୍କ ସହ ଉପତ୍ୟକାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସେହିପରି ଆସନ୍ତା ୧୬ ତାରିଖରେ ସେ ଉଚ୍ଚ ସ୍ତରୀୟ ବୈଠକ ଡାକିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା, ଆର୍ମି ଓ ସିଆରପିଏଫର ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ। ଘାଟିରେ ବଢୁଥିବା ଆତଙ୍କୀ ହମଲାକୁ କେମିତି ହ୍ରାସ କରାଯିବ, ତାହା ହିଁ ବୈଠକର ମୂଳ ଏଜେଣ୍ଡା ରହିଛି। ପିଟିଆଇରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆଜିର ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଜମ୍ମୁ-କଶ୍ମୀରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ତଥ୍ୟ ଦିଆଯାଇଛି। ସେହିପରି ଆତଙ୍କବାଦୀ ହମଲା ପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ପଚାରି ବୁଝିଛନ୍ତି। ଗତ ୪ ଦିନ ମଧ୍ୟରେ ଆତଙ୍କବାଦୀ ୪ଟି ଭିନ୍ନଭିନ୍ନ ଠିକଣାରେ ହମଲା କରି ସାରିଲେଣି। ରୈସି, କଠୁଆ ଓ ଡୋଡା ଜିଲ୍ଲାରେ ଏପରି ଆକ୍ରମଣ ହୋଇଛନ୍ତି। ଏହି ସବୁ ଆକ୍ରମଣରେ ୯ ଜଣ ତୀର୍ଥ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୭ ଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି। ଅତିରିକ୍ତ ଭାବେ କଠୁଆ ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ୩ ଜଣ ସନ୍ଦିଗ୍ଧ ପାକିସ୍ତାନୀ ଆତଙ୍କୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ମିଳିଛି।



# ସିକିମରେ ପ୍ରବଳ ବର୍ଷା;: ଗଲାଣି ୬ ଜୀବନ, ଫସିଛନ୍ତି ୧୫ଶହ ପର୍ଯ୍ୟଟକ

ନୂଆଦିଲ୍ଲୀ, ୧୪/୬ : ଭୀଷଣ ବର୍ଷା ଯୋଗୁ ସିକିମରେ ପରିସ୍ଥିତି ଅସମ୍ଭାଳ ହେଲାଣି। ଏଥିଯୋଗୁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୫ଶହ ପର୍ଯ୍ୟଟକ ସେଠାରେ ଫସି ରହିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେବି ବର୍ଷା ଲାଗି ରହିଥିବାରୁ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ଦେଖାଦେଇଛି। ସିକିମର ପାହାଡ଼ିଆ ଅଞ୍ଚଳରୁ ବର୍ଷା ପାଣି ପ୍ରଖର ସ୍ରୋତରେ ତଳକୁ ଖସୁଥିବାରୁ ଏହାର ପ୍ରଖରତା ଖୁବ୍ ଅଧିକ ରହିଛି। ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ରାଜ୍ୟରୁ ସିକିମକୁ ବୁଲି ଯାଇଥିବା ପ୍ରାୟ ୧୫ଶହରୁ ଅଧିକ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ପଦକ୍ଷେପ ନିଆଯାଉଥିବା ସିକିମ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିଯୋଗୁ ବହୁ ସ୍ଥାନରେ ରାସ୍ତା ଓ ପୋଲ ଧୋଇ ହୋଇ ଯାତାୟତ ବନ୍ଦ ହୋଇ ଯାଇଛି। କେବଳ ସେତିକି ନୁହେଁ, ଏଥିଯୋଗୁ ବିଜୁଳି ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ମୋବାଇଲ ନେଟୱର୍କ ବି କାମ କରୁନି। ସବୁ ବର୍ଷ ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ପ୍ରବଳ କ୍ଷତି ହୋଇଥାଏ। ଏଥିଯୋଗୁ ବହୁ ଘର, ରାସ୍ତା, ପୋଲ ଆଦି ଧୋଇ ହୋଇ ଯାଇଥାଏ। ଏପରିକି ଭୁସ୍ଖଳନ ହେବାର ଆଶଙ୍କା ବି ରହିଛି। ଗତ ବର୍ଷ ଏପରି ସ୍ଥିତି ଉପୁଜି ଏକ ଡ୍ୟାମ୍ ବନ୍ଧ ଭାଙ୍ଗି ଯାଇଥିଲା, ଯେଉଁଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏବେ ହେଉଥିବା ଭୀଷଣ ବର୍ଷାଯୋଗୁ ଭୁସ୍ଖଳନ ଆଶଙ୍କା ଥିବାରୁ ସାଟେଲେଇଟ୍ ଜରିଆରେ ବହୁ ଜଳ ଭଣ୍ଡାର ଉପରେ ନଜର ରଖାଯାଇଛି। କାରଣ ସେଥିରେ ପାଣି ଫୁଲ୍ ହେଲେ ତାହା ଖୁବ୍ ପ୍ରର ସ୍ରୋତରେ ତଳକୁ ବୋହିଥାଏ। ଏପରି ସମୟରେ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ଏବେ ଅରୁଣାଚଳ ପ୍ରଦେଶ ଗସ୍ତରେ ଅଛନ୍ତି। ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦେବାକୁ ସେ ଯାଇଛନ୍ତି। ମାତ୍ର ରାଜ୍ୟରେ ହେଉଥିବା ପ୍ରବଳ ବର୍ଷା ସମ୍ପର୍କରେ ସୂଚନା ପାଇ ସେ ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ପୀଡ଼ିତ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପୋଖରୀରେ ବୁଡ଼ି ମା'ଝିଅଙ୍କ ମୃତ୍ୟୁ

ନବରଙ୍ଗପୁର, ୧୪/୬ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପୂଜାରୀ ଭରଣ୍ଡି ଗାଁରେ ପୋଖରୀରେ ବୁଡ଼ି ଜଣେ ମହିଳା ଓ ତାଙ୍କ ଝିଅଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି, ଗୀତା କଲାର (୩୨) ଓ କରିସ୍ମା କଲାର (୭)। ଆଜି ସକାଳ ପ୍ରାୟ ୧୦ଟା ବେଳେ ଗୀତା ଓ ତାଙ୍କ ଝିଅ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସୂଚନା ଅନୁଯାୟୀ, ଗାଧୋଉଥିବା ବେଳେ କରିସ୍ମା ପ୍ରଥମେ ବୁଡ଼ି ଯାଇଥିଲେ। ଝିଅକୁ ବଞ୍ଚାଇବାକୁ ଯାଇ ଗୀତା ମଧ୍ୟ ବୁଡ଼ି ଯାଇଥିଲେ। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୀତା କଲାରଙ୍କ ସମ୍ପର୍କୀୟ ସୁପ୍ରସାଦ କଲାର କହିଛନ୍ତି ଯେ ତାଙ୍କ ଘରେ ବୋରୱେଲ ଅଛି। ତାଙ୍କ ଘରର କୌଣସି ମହିଳା କି ଛୁଆ ପୋଖରୀକୁ ଗାଧୋଇବାକୁ ଆସନ୍ତି ନାହିଁ। କେବଳ ପୁରୁଷ ସଦସ୍ୟମାନେ ଆସନ୍ତି। ଆଜି ସେମାନେ କେମିତି ଏଠାକୁ ଗାଧୋଇବାକୁ ଆସିଲେ କେଜାଣି।

## ଓଡ଼ିଶା ବିଜେପି ଏବେ ରାଜ୍ୟ ପାଇଁ ବିଶ୍ବ ମହାରଣା ଭଳି କାମ କରିବ: ସୁରେଶ ପୂଜାରୀ

ଭୁବନେଶ୍ୱର, ୧୪/୬ (ନି.ପ୍ର): ବିକଶିତ ଭାରତ ପରିପ୍ରେକ୍ଷୀରେ ନୂଆ ଓଡ଼ିଶା ଗଠନ ହେବ। କୋଣାର୍କ ଆମ ଐତିହ୍ୟର ଅନ୍ୟତମ ପ୍ରମାଣ। ଓଡ଼ିଶା ବିଜେପି ଏବେ ରାଜ୍ୟ ପାଇଁ ବିଶ୍ବ ମହାରଣା ଭଳି କାମ କରିବ। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରୁ ବିଧାୟକ ତଥା ରାଜ୍ୟ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ସନ୍ଧ୍ୟାରେ ସମ୍ବାଦ ଗ୍ରୁପ ତରଫରୁ ଆୟୋଜି ସିଇଓ କନକ୍ଲେଭରେ ଯୋଗ ଦେଇ ଏହା କହିଛନ୍ତି। ନୂତନ ଓଡିଶା ଗଠନ ନେଇ ରାଜ୍ୟବାସୀଙ୍କୁ ଆହ୍ୱାନ ଦେବା ସହିତ ଶ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି କି, ଏବେ ଓଡ଼ିଶା ପ୍ରତି ଅନ୍ୟମାନଙ୍କ ଦୃଷ୍ଟୀଭଙ୍ଗୀକୁ ନେଇ ଧନ୍ୟବାଦ ଦେଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଓଡିଶାର ସ୍ଥାନ ସ୍ୱତନ୍ତ୍ର ରହିଥିଲା। ମାଧୋ ସିଂଙ୍କ ପରିବାର କଥା ମନେ ପକାଇ ଏହା ରାଜ୍ୟପାଇଁ ସ୍ମରଣୀୟ ବୋଲି ସେ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି କି, ଆମକୁ ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ଭଲଭାବେ ଜଣାଅଛି। ସରକାର ଗଠନର ୨ ଦିନ ମଧ୍ୟରେ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନ ସମୟରେ ବିଜେପି ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେଥିମଧ୍ୟରୁ କିଛି ପାଳନ କରାଯାଇଛି। ଚାଷୀମାନେ ଏବେ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ବିକ୍ରି କରିପାରିବେ। ଏହାସହ ୧୦୦ଦିନ ମଧ୍ୟରେ ରାଜ୍ୟର ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଲେଖାଏଁ ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ସେହିଭଳି ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯିବା ପରେ ରକ୍ଷଣାବେକ୍ଷଣ ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡର ବ୍ୟବସ୍ଥା ହୋଇଛି।



## ୱାରଙ୍ଗାଲ ପୁଲିସ ନିକଟରେ ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୪/୬ (ନି.ପ୍ର): ଏରିଆ କମିଟି ସଦସ୍ୟ ଟିକ୍କା ସୁସ୍ମିତା ଓରଫ ଚିଟି ଓ ମାଡାକମ୍ ଦୁଲା ଓରଫ ଦୁଲା ତେଲେଙ୍ଗାନାର କରିମନଗର ପୁଲିସ କମିସନର ଏବଂ ୱାରଙ୍ଗାଲର ବର୍ତ୍ତମାନର ଦାୟିତ୍ୱରେ ଥିବା ଏସପି ଅଭିଷେକ ମହାନ୍ତି ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଦୁଇଜଣ ମାଓବାଦୀ କହିଛନ୍ତି ଯେ ତେଲେଙ୍ଗାନା ରାଜ୍ୟ କମିଟି ସଦସ୍ୟ ପୁଲୁରୀ ପ୍ରସାଦ ରାଓ ଓରଫ ଚନ୍ଦ୍ରନାନାଙ୍କ ପାଖରେ ସସ୍ମିତା ଓ ଦୁଲା ସୁରକ୍ଷା ଦଳର ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲା। ସଂଗଠନରେ ନିର୍ଯାତନା, ଭେଦଭାବ, ନିରୀହଙ୍କୁ ହତ୍ୟା ଓ କୌଣସି ଲକ୍ଷ୍ୟ ନେଇ କାମ ହେଉନଥିବାରୁ ଦଳ ଛାଡିଲେ। ହାନମାକୋଣ୍ଡା ଜିଲ୍ଲାର ହାସ୍ନାପାର୍ଟି ମଣ୍ଡଳ ଅନ୍ତର୍ଗତ ଦାମପାଲୀ ଗାଁର ବାସିନ୍ଦା ଟିକ୍କା ସୁସ୍ମିତା(୨୭)। ସେ ୭ମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ତାଙ୍କ ପିତା ଟିକ୍କା ସୁଧାକର ଜଣେ ମାଓବାଦୀ ସଂଗଠନରେ ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ।ବାପାଙ୍କ ପଥରେ ଆକର୍ଷିତ ହୋଇ ସସ୍ମିତା ୨୦୧୬ ମସିହାରେ ଅଧ୍ୟୟନ ପରେ ଛତିଶଗଡ଼ର ବିଜାପୁର ଜିଲ୍ଲାର କୋମାଟିପାଲ୍ଲୀ ଗାଁର ବାଡେ ଚୋକାରାଓ ରରଫ ଦାମୋଦରଙ୍କ ଉପସ୍ଥିତିରେ ମାଓବାଦୀ ପାର୍ଟିରେ ଯୋଗ ଦେଇଥିଲେ। ଛତିଶଗଡ଼ର ସୁକୁମା ଜିଲ୍ଲାର ପ୍ୟାରିୟା ଗାଁର ମାଡାକମ୍ ଦୁଲା ଓରଫ ଦୁଲା। ସେ ପଞ୍ଚମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ଯଦିଓ ତାଙ୍କ ବଡ଼ ଭାଇ ୨୦୦୮ ମସିହାରେ ସିପିଆଇ-ମାଓବାଦୀ ଦଳରେ ଯୋଗ ଦେଇଥିଲେ।ତାଙ୍କ ଦ୍ୱାରା ଆକର୍ଷିତ ହୋଇଥିବା ଦୁଲା ୨୦୧୫ ମସିହାରେ ଏରିଆ କମିଟି ସଦସ୍ୟ ଜୋଗୀଙ୍କ ପ୍ରୋତ୍ସାହନରେ ସିପିଆଇ-ମାଓବାଦୀ ପାର୍ଟିରେ ଯୋଗ ଦେଇଥିଲେ। ମାଓବାଦୀ ପାର୍ଟିରେ କାମ କରୁଥିବାବେଳେ ଦୁହେଁ ୩୦ ମାର୍ଚ୍ଚ ୨୦୨୦ରେ ବିବାହ କରିଥିଲେ।ପରେ ସେମାନେ ଅନେକ ସ୍ଥାନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ।ମାଓବାଦୀ ଚିନ୍ତାଧାରା ଉପରେ ବିଶ୍ୱାସ ହରାଇବା ଏବଂ ତେଲେଙ୍ଗାନା ସରକାର ଘୋଷଣା କରିଥିବା ପୁନର୍ବାସ ଯୋଜନା ପ୍ରତି ଆକର୍ଷିତ ହୋଇଥିବା ଏହି ଯୋଡ଼ି ଆଜି ୱାରଙ୍ଗାଲ ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ।ପ୍ରଶାସନ ତରଫରୁ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି ପୁଲିସ କହିଛି।



## ବୋହୂ ସରପଞ୍ଚ, ଶ୍ୱଶୁର ବାଣ୍ଟୁଥିଲେ ଭତ୍ତା: ବିରୋଧ କରିବାରୁ ହେଲା ଠେଲାପେଲା

ଭୋଗରାଇ, ୧୪/୬ (ନି.ପ୍ର): ସରପଞ୍ଚଙ୍କ ବଦଳରେ ଭତ୍ତା ବାଣ୍ଟୁଥିଲେ ସରପଞ୍ଚଙ୍କ ଶ୍ୱଶୁର। ଯାହାକୁ ବିରୋଧ କରିବାରୁ ହୋଇଥିଲା ଗଣ୍ଡଗୋଳ ଓ ଠେଲାପେଲା। ସ୍ଥିତି ଏମିତି ହୋଇଥିଲା ପୁଲିସ୍‌କୁ ଆସିବାକୁ ପଡ଼ିଥିଲା। ପହିଲି ରଜରେ ଏପରି ମହା ଡ୍ରାମା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗବଗା ପଞ୍ଚାୟତ ଅଫିସରେ ହୋଇଥିଲା। ଭୋଗରାଇ ବ୍ଲକ୍ ଗବଗା ପଞ୍ଚାୟତରେ ଆଜି ଭତ୍ତା ବଣ୍ଟା ଯାଉଥିଲେ। ଭତ୍ତା ବାଣ୍ଟିବା ପାଇଁ ଦାୟିତ୍ୱରେ ଥିଲେ ପଞ୍ଚାୟତର ଜିଆରଏସ୍ ଅଞ୍ଜୁଶ୍ରୀ ନାୟକ। ହେଲେ ସରପଞ୍ଚ ଶୁଭଶ୍ମିତା ଦେ'ଙ୍କ ବଦଳରେ ତାଙ୍କ ଶ୍ୱଶୁର ଲକ୍ଷ୍ମୀଧର ଦେ' ପଞ୍ଚାୟତ ଅଫିସ୍‌ରେ ବସି ଭତ୍ତା ଖାତାରେ ସ୍ୱାକ୍ଷର କରୁଥିଲେ। ଯାହାକୁ ହିତାଧିକାରୀ ଓ ଗାଁ ଲୋକେ ବିରୋଧ କରିଥିଲେ। ଭତ୍ତା ବଣ୍ଟା ସମୟରେ ସରପଞ୍ଚ କାହିଁକି ଉପସ୍ଥିତ ରହୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ହେଲେ ଏହାର ଉତ୍ତର ଜିଆରଏସ୍ ବା ପଞ୍ଚାୟତର କର୍ମଚାରୀମାନେ ଦେଉନଥିଲେ। ଯାହାକୁ ସରପଞ୍ଚଙ୍କ ସମର୍ଥକ ବିରୋଧ କରିଥିଲେ। ଯେଉଁଥିପାଇଁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟଙ୍କ ଭିତରେ ଠେଲାପେଲା ହୋଇଥିଲା। ଜିଆରଏସ୍‌ଙ୍କୁ ଦୀର୍ଘ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରଖିଥିଲେ। ଭତ୍ତା ବଣ୍ଟା ବନ୍ଦ ରହିଥିଲା। ସ୍ଥିତି ଅଣାୟତ୍ତ ହେବାରୁ ସ୍ଥାନୀୟ ଲୋକେ କମର୍ଦ୍ଦା ଥାନାକୁ ଖବର ଦେଇଥିଲେ। ପୁଲିସ୍ ପଞ୍ଚାୟତ ଅଫିସ୍‌ରେ ପହଞ୍ଚି ପୂର୍ବରୁ ଜିଆରଏସ୍ ପଳାଇ ଯାଇଥିଲେ। ସେପଟେ ଭତ୍ତା ଖାତାରେ ସ୍ୱାକ୍ଷରକୁ ଲକ୍ଷ୍ମୀଧର ଦେ ଖଣ୍ଡନ କରୁଥିବା ବେଳେ ସୋଶାଲ୍ ମିଡ଼ିଆରେ ଭାଇରାଲ୍ ହେଉଛି ଭିଡିଓ। ଯେଉଁଥିରେ ଦେଖିବାକୁ ମିଳୁଛି ଭତ୍ତା ଖାତାରେ ଲକ୍ଷ୍ମୀଧର ଦସ୍ତଖତ କରୁଛନ୍ତି। ସୂଚନାରୁ ପ୍ରକାଶ, ଗବଗା ପଞ୍ଚାୟତର ସରପଞ୍ଚ ହେଉଛନ୍ତି ଶୁଭଶ୍ମିତା ଦେ। ହେଲେ ସେ ଦୀର୍ଘ ମାସ ହେଲା ରାଜ୍ୟ ବାହାରେ ରହୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଶ୍ୱଶୁର ଲକ୍ଷ୍ମୀଧର ଦେ ପଞ୍ଚାୟତର କାମ ମନଇଚ୍ଛା କରୁଥିବା ଅଭିଯୋଗ ହେଉଛି। ପଞ୍ଚାୟତ କାମ ଠିକ୍ ଭାବେ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେଅସନ୍ତୋଷ ପ୍ରକାଶ ପାଉଛି।




## ଭୁବନେଶ୍ୱରରେ ମୂଲ୍ୟବାନ ଜମି ହାତେଇଛନ୍ତି ୬ ଅଣଓଡ଼ିଆ ବାବୁ: ବାର୍ଷିକ ସମ୍ପତ୍ତି ବିବରଣୀରେ ଲୁଚାଇଛନ୍ତି, ବଢ଼ିଲା ସନ୍ଦେହ

ଭୁବନେଶ୍ୱର, ୧୪/୬ (ନି.ପ୍ର): ରାଜ୍ୟରେ ବିଜେଡିର ୨୪ବର୍ଷ ଶାସନର ଅନ୍ତ ସହ 'ବାବୁରାଜ'ରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଅଣଓଡ଼ିଆ ଅଫିସରମାନଙ୍କ ହାକିମାତି ଉପରେ ବ୍ରେକ୍ ଲାଗିବାପରେ ଏବେ ସେମାନଙ୍କର କାରନାମା ପଦାକୁ ଆସିବାରେ ଲାଗିଛି । ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଜଟଣୀ ତହସିଲ ଅଂଚଳର 'ଖୋଲାଦ୍ୱାର' ମୌଜାରେ ୬ଜଣ ଅଣଓଡ଼ିଆ ଅଫିସର ପ୍ରାୟ ଏକ ଏକରରୁ ଅଧିକ ମୂଲ୍ୟବାନ ଜମିର ମାଲିକାନା ହାସଲ କରିଥିବା ଜଣାପଡ଼ିଛି । ଏହି ୬ଜଣ ସର୍ବଭାରତୀୟ ସେବା ଅଫିସରଙ୍କ ମଧ୍ୟରୁ ମାତ୍ର ଜଣେଦୁଇଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲବେଳେ ଉକ୍ତ ମୂଲ୍ୟବାନ ଜମି ସଂକ୍ରାନ୍ତରେ କୌଣସି ତଥ୍ୟ ଲୁଚାଉଥିବାରୁ ଏହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ଯଦିଓ ରାଜସ୍ୱ ବିଭାଗର 'ଭୂଲେଖ'ରେ ଏହି ବାବୁମାନେ ପ୍ରତ୍ୟେକ ୮ହଜାରରୁ ଅଧିକ ବର୍ଗଫୁଟ ଜମିର ମାଲିକ ବୋଲି ଜଣାପଡିଛି । ବିଜେଡି ସରକାରରେ ସବୁଠୁ ପାୱାରଫୁଲ୍ ଅଫିସର ହୋଇ ସୁପର ସିଏମ୍ ଭଳି ହାକିମାତି କରୁଥିବା ଆଇପିଏସ୍ ଅଫିସର ଡିଏସ୍ କୁଟେ, ରାଜନୀତିକ ଆକ୍ରୋଶକୁ କାର୍ଯ୍ୟକାରୀ କରାଉଥିବା ଆଇପିଏସ୍ ଆଶୀଷ ସିଂ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର.ଭିନିଲକ୍ରିଷ୍ଣାଙ୍କ ସମେତ ଆଇପିଏସ୍ ୨୦୦୪ ବ୍ୟାଚର ଆଇପିଏସ୍ ଦୀପକ କୁମାର ଓ ନିତେନଜିତ୍ ସିଂହ ଏବଂ ୨୦୦୫ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲ ମିଳିତ ଭାବେ ଜଟଣୀର ଖୋଲାଦ୍ୱାର ମୌଜାରେ ମିଳିତ ଭାବେ ପ୍ରାୟ ଏକ ଏକରରୁ ଅଧିକ ଜମି କ୍ରୟ କରିଥିବା 'ଭୂଲେଖ' ତଥ୍ୟରେ ଦର୍ଶାଯାଇଛି । ପ୍ରତ୍ୟେକ ଅଫିସରଙ୍କ ଭାଗରେ ୮ହଜାର ବର୍ଗଫୁଟରେ ଜମି ରହିଛି । ୨୦୧୨ ଜୁନ୍ ୧୩ ତାରିଖ ଓ ୨୦୧୨ ଜୁଲାଇ ୨୭ତାରିଖରେ ଏହି ଜମିଗୁଡ଼ିକର ମାଲିକାନା ସମ୍ପୃକ୍ତ ୬ଜଣ ଅଣଓଡ଼ିଆ ଅଫିସରଙ୍କୁ ମିଳିଥିଲା । ଖୋଲାଦ୍ୱାର ମୌଜାର ଖତିୟାନ ନମ୍ବର-୨୦୯,୨୪୨ ଓ ୬୫୦/୭୦ରେ ଥିବା ପ୍ଲଟ ନମ୍ବର ୭୨,୭୩,୭୪ ଓ ୭୧/୧୪୩୦ର ଜମିକୁ ଏହି ଅଫିସରମାନେ ନିଜ ଦଖଲରେ ରଖିଛନ୍ତି । ଏହି ସମସ୍ତ ଜମିର ୧୯୯୭ ବ୍ୟାଚ୍ ଆଇପିଏସ୍ ଶ୍ରୀ କୁଟେଙ୍କ ସମେତ ୨୦୦୪ ବ୍ୟାଚର ୩ଜଣ ଆଇପିଏସ୍ ଓ ୨୦୦୫ ବ୍ୟାଚର ୨ଜଣ ଆଇଏଏସଙ୍କ ନାଁରେ ଥିଲେ ମଧ୍ୟ ସେମାନେ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରୁଥିବା ବାର୍ଷିକ ସମ୍ପତ୍ତି ବିବରଣୀରେ ଏହାକୁ ଉଲ୍ଲେଖ କରୁନଥିବା ଖୋଳତାଡ଼ରୁ ଜଣାପଡ଼ିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ୍ କୁଟେ ୨୦୧୭ ମସିହାର ସମ୍ପତ୍ତି ତାଲିକାରେ ଭୁବନେଶ୍ୱରରେ ପତ୍ନୀ ଲକ୍ଷ୍ମୀ କୁଟେଙ୍କ ନାଁରେ ବିପୁଳ ଗାର୍ଡେନରେ ଗୋଟିଏ ଫ୍ଲାଟ୍ ଥିବା ଓ ତାଙ୍କ ନାଁରେ ଖୋଲାଦ୍ୱାର ମୌଜାରେ ୭ହଜାର ବର୍ଗଫୁଟ ଜମି ଥିବା ନେଇ ଉଲ୍ଲେଖ କରିଥିଲେ। ଏହି ଜମିକୁ ଅନ୍ୟ ୫ଜଣ ଅଣଓଡ଼ିଆ ଅଫିସରଙ୍କ ସହ ମିଶି ମାଲିକାନା ସତ୍ତ୍ୱ ରଖିଛନ୍ତି ବୋଲି ଦର୍ଶାଇଛନ୍ତି । ତେବେ ସେ ୨୦୧୭ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିବା ପରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଥିଲେ । ଆଉ ୨୦୧୯ ମସିହାର ସମ୍ପତ୍ତି ତାଲିକାରେ ପତ୍ନୀ ଲକ୍ଷ୍ମୀଙ୍କ ନାଁରେ ଥିବା ଫ୍ଲାଟ୍ ଓ ଖୋଲାଦ୍ୱାର ମୌଜା ଜମି ସମ୍ପର୍କରେ ଆଉ କେନ୍ଦ୍ର ସରକାରଙ୍କୁ ଅବଗତ କରାଇନଥିଲେ । ଯଦିଓ ପ୍ରତିବର୍ଷ ସେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରୁଛନ୍ତି କିନ୍ତୁ ୨୦୧୯ ମସିହା ପରଠୁ ଏହି ଫ୍ଲାଟ୍ କିମ୍ବା ଜମି ନେଇ ତଥ୍ୟକୁ ଲୁଚାଇଛନ୍ତି । ଏପଟେ ରାଜସ୍ୱ ବିଭାଗର 'ଭୂଲେଖ'ରେ ଶ୍ରୀ କୁଟେଙ୍କ ନାଁରେ ଖୋଲାଦ୍ୱାର ମୌଜାରେ ୩ଟି ପ୍ଲଟ୍ ଥିବା ନେଇ ସୂଚନା ମିଳିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଆର ଭିନିଲକ୍ରିଷ୍ଣା ୨୦୧୯ ମସିହା ପରଠୁ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରୁଥିବା ବାର୍ଷିକ ସମ୍ପତ୍ତି ବିବରଣୀରେ ଖୋଲାଦ୍ୱାର ମୌଜାରେ ଥିବା ନିଜ ଜମିକୁ ନେଇ ତଥ୍ୟ ଦେଉନାହାନ୍ତି । ଯାହାକି ଏବେବି ବଳବତ୍ତର ରହିଛି । ଭିନିଲଙ୍କ ବ୍ୟାଚର ରାଜେଶ ପ୍ରଭାକର ପାଟିଲ ୨୦୧୮ ମସିହାରୁ ଏହି ଖୋଲାଦ୍ୱାର ସମ୍ପତ୍ତି ସମ୍ପର୍କରେ ତଥ୍ୟ ଲୁଚାଇ ରଖିଛନ୍ତି । ଯଦିଓ ଏହି ଦୁଇ ଅଫିସରଙ୍କ ନାଁରେ ଖୋଲାଦ୍ୱାର ମୌଜାର ଖତିୟାନ ୨୦୯ ଓ ୨୪୨ରେ ଜମି ଥିବା ଜଣାପଡ଼ିଛି । ସେହିପରି ଆଇପିଏସ୍ ଦୀପକ କୁମାର ପ୍ରତିବର୍ଷ ଏହି ଖୋଲାଦ୍ୱାର ଜମି ସମ୍ପର୍କରେ ବାର୍ଷିକ ସମ୍ପତ୍ତି ବିବରଣୀରେ ଉଲ୍ଲେଖ କରୁଥିଲେ ମଧ୍ୟ ଜମିର ମୂଲ୍ୟ ଏବେ ୨୦ଲକ୍ଷ ଟଙ୍କା ଥିବା ଦର୍ଶାଇଛନ୍ତି । ଏପରିକି ଜଟଣୀ ରାସ୍ତା ସମ୍ପ୍ରସାରଣବେଳେ ଆଇପିଏସ୍ ଦୀପକ କୁମାରଙ୍କ ପ୍ରାୟ ଏକ ହଜାର ବର୍ଗଫୁଟ ଜମିକୁ ସରକାର ଅଧିଗ୍ରହଣ କରିଥିବା ଜଣାପଡ଼ିଛି । ଆଇପିଏସ୍ ଆଶୀଷ ସିଂ ବାର୍ଷିକ ସମ୍ପତ୍ତି ବିବରଣୀରେ ଏହି ଜମି ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଓ ୨୦୨୩ ମସିହାରେ ଉକ୍ତ ସମ୍ପତ୍ତିର ପରିମାଣ ୪୩ଲକ୍ଷ ଟଙ୍କା ଦର୍ଶାଇଛନ୍ତି ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo